## ସଂକ୍ଷେପରେ

### କୋଇଲା ବୋଝେଇ ଟ୍ରେନରେ ଅଗ୍ନିକାଣ୍ଡ



ରାୟଗଡ଼ା,୬।୩(ସ୍ୱ.ପ୍ର.)-ରାୟଗଡ଼ା ରେଲ ଷ୍ଟେଶନଠାରେ ସୋମବାର ସକାଳେ ଏକ କୋଇଲା ବୋଝେଇ ଟ୍ରେନରେ ନିଆଁ ଲାଗିଥିଲା। ଏହି ଟ୍ରେନ୍‌ଟି ବିଶାଖାପାଟଣାଠାରୁ ବେଦାନ୍ତ ଆଲୁମିନା ଯାଉଥିବା ବେଳେ ରାୟଗଡ଼ା ରେଲଷ୍ଟେସନଠାରେ କୋଳାରେ ନିଆଁ ଲାଗିଥିବା ଦେଖାଯାଇଥିଲା । ରେଲୱେ କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ଅଗ୍ନିଶମ ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡରେ କାହାରି କିଛି କ୍ଷତି ଘଟିନଥିବା ଷ୍ଟେଶନ ମ୍ୟାନେଜର ପ୍ରେମାନନ୍ଦ ପିଡ଼ିକାକା ସୂଚନା ଦେଇଛନ୍ତି । ବିଶାଖାପାଟଣା କୋଇଲା ବୋଝେଇ ସ୍ଥାନରେ ଟ୍ରେନରେ ଲୋଡ଼ିଂ ସମୟରେ କୌଣସି କାରଣରୁ ନିଆଁ ଲାଗିଥାଇପାରେ ବୋଲି ସେ କହିଛନ୍ତି ।

### ବାଇକ ଡିକି ଭାଙ୍ଗି ୭୦ ହଜାର ଲୁଟ୍

ଗୁଡ଼ାରୀ,୬।୩(ଡି.ଏନ.ଏ)-ସ୍ପଷ୍ଟ ଦିବାଲୋକରେ୍ ଗୁଡ଼ାରି ସହରର ସିନେମା ହଲ ଛକ ନିକଟରେ ଦୁର୍ବୃତ୍ତ ଏକ ବାଇକ ଡିକି ଭାଙ୍ଗି ୭୦ହଜାର ଟଙ୍କା ଲୁଟି ନେଇଛନ୍ତି। ଗୁଡ଼ାରୀ ବ୍ଲକ ଖାରିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ତଳ ଖେତାଗୁଡ଼ା ଗ୍ରାମର ଦେବେନ୍ଦ୍ର ଶବର ନିଜ ବାଇକ ଡିକିରେ ଟଙ୍କା ରଖି ନିକଟସ୍ଥ ଦୋକାନକୁ ଯାଇଥିଲେ। ଫେରିବା ପରେ ଆସି ଦେଖିଲା ବେଳକୁ ଡିକି ଖୋଲା ଥିଲା ଓ ସେଥିରେ ଟଙ୍କା ଗାଏବ ହୋଇଯାଇଥିଲା। ଖୋଜାଖୋଜି କରିବା ପରେ ଦେବେନ୍ଦ୍ର ବାବୁ ପୋଲିସ ଥାନାରେ ଜଣାଇଛନ୍ତି। ଥାନା ଅଧିକାରୀ ଦୀନବନ୍ଧୁ ଶବର ଓ ଇନ୍ସପେକ୍ଟର ଗୟା ସୁଧିନ ଖାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

### ଓକିଲ ସଂଘ ନିର୍ବାଚନ, ପ୍ରାର୍ଥିପତ୍ର ଦାଖଲ ସରିଲା

ରାୟ ଗଡା ଅଫିସ,୬।୩- ରାୟଗଡା ଓକିଲ ସଂଘର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ସରିଛି। ସଭାପତି ପଦବୀ ପାଇଁ ବିବୁଧ କୁମାର ପ୍ରଧାନ, ମୋହନ ନାୟକ (ସିନିୟର), ଉମାକାନ୍ତ ମିଶ୍ର, ଦେବୀ ପ୍ରସାଦ ପଟ୍ଟନାୟକ, ଉପ ସଭାପତି ପଦବୀ ପାଇଁ ପଦ୍ମନାଭ ଦାସ, ସୁରେନ୍ଦ୍ର କୁମାର, ସମ୍ପାଦକ ପଦବୀ ପାଇଁ ବିଶ୍ୱନାଥ ଗନ୍ତାୟତ, ମେଘନାଦ ନାୟକ, ସହ ସମ୍ପାଦକ ପଦବୀ ପାଇଁ ଗୁରୁପ୍ରସାଦ ସାହୁ, ରାମକୃଷ୍ଣ ପାଲି, କୋଷାଧ୍ୟକ୍ଷ ପଦବୀ ପାଇଁ ମାନସ ରଞ୍ଜନ ରଥ, ଦମୟନ୍ତୀ ମହାନନ୍ଦିଆ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆସନ୍ତା ୧୦ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ଓ ୨୫ରେ ନିର୍ବାଚନ ଅନୁଷ୍ଠିତ ହେବ ।

### ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ସଂଘ ଗଠିତ

ରାମନାଗୁଡା,୬।୩(ସ୍ୱ.ପ୍ର.)- ରାୟଗଡା ଜିଲା ରାମନାଗୁଡା କଲ୍ୟାଣ ମଣ୍ଡପ ଠାରେ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ଗଠନ ପୂର୍ବକ ସଭାପତି ଭାବେ ସୋମନାଥ ଗରଡା, ସାଧାରଣ ସମ୍ପାଦକ ଭାବେ ତାଉଡୁ ମାଣ୍ଡାଙ୍ଗି, କାର୍ଯ୍ୟକାରୀ ସଭାପତି କରୁଣାକର ମାଝି ଓ ସାନନ୍ଦ ବେନିଆଙ୍କୁ ମନୋତୀତ କରାଯାଛି। ସେହିପରି ସହ ସମ୍ପାଦକ ରୂପେ ଜଗଦୀଶ ଚିନ୍ତାଡା, ଲକ୍ଷ୍ମଣ ସାହୁ, ରାଜେନ୍ଦ୍ର ଗାଜିବିଲି ଓ ନବ କୁମାର ନାୟକ, ସାଂଗଠନିକ ସମ୍ପାଦକ ଭାବେ ପ୍ରଦୀପ ନାୟକ ଓ ରାଜେଶ ବିଶ୍ୱାଳ, କୋଷାଧ୍ୟକ୍ଷ ଆନନ୍ଦ ତାଡିଙ୍ଗି, ଉପସଭାପତି ପ୍ରଣତି ହିମିରିକା, ସାଧନା ପ୍ରଧାନ, ହାରିବତୀ ମାଣ୍ଡାଙ୍ଗି ଓ ଦିଲୀପ ଶବର, ଯୁଗ୍ମ କୋଷାଧ୍ୟକ୍ଷ ଭାବେ ବସନ୍ତ ପାଢ଼ୀ, ସନ୍ତୋଷ ଚୌଧୁରୀ ଓ ଲଳିତ କୁମାର ଚୌଧୁରୀ ଏବଂ ଆଇନ ପରାମର୍ଶଦାତା ଭାବେ ଜଗନ୍ନାଥ ଦୋରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ବେଆଇନ ପଥର ଖନନରୁ ବଦଳୁଛି ନଦୀ ଗତିପଥ

ରାୟଗଡ଼ା,୬।୩(ସ୍ୱ.ପ୍ର.)

ରାୟଗଡା ସଦର ମହକୁମା ଉପକଣ୍ଠ ତଥା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨ କି.ମି. ଦୂରରେ ଥିବା ପଥର ଖାଦାନରୁ ବେଆଇନ ଭାବେ ଖନନ ଚାଲିଛି। ଧୁମାଗୁଡା ଗ୍ରାମ ନିକଟ ପାହାଡରେ ବିସ୍ଫୋରଣ କରି ପଥର ଚାଲାଣ ଦ୍ୱାରା ନାଗାବଳୀ ନଦୀର ଗତିପଥରେ ପରିବର୍ତ୍ତନ ଘଟିଛି। ଚେକାଗୁଡା ପୋଲର ଉପରମୁଣ୍ଡଠାରୁ ଆରମ୍ଭ କରି ତଳମୁଣ୍ଡ ପର୍ଯ୍ୟନ୍ତ ସବୁଠି ନଦୀ ଗତିପଥ ବଦଳିଛି। ଏହାଦ୍ୱାରା ଧୁମାଗୁଡା, ମାରିଗୁଡା ଗ୍ରାମ ସମେତ ସହରର ଚେକାଗୁଡା ବସ୍ତି ପ୍ରତି ବିପଦ ଘନେଇବାରେ ଲାଗିଛି। ପୂର୍ବରୁ ନଦୀ ଗୋଟିଏ ସରଳରେଖାରେ ପ୍ରବାହିତ ହେଉଥିଲା। ଗତ କିଛି ହେଲା ବେଆଇନ ବିସ୍ଫୋରଣ ଓ ଅତ୍ୟଧିକ ବିସ୍ଫୋରକ ବ୍ୟବହାରର ପ୍ରଭାବ ସିଧା ଭୂପୃଷ୍ଠ ଓ ଭୂତଳ ଉପରେ ପଡିଛି। ତେଣୁ ନଦୀ ଗତିପଥରେ ପରିବର୍ତ୍ତନ ହୋଇଥିବା ପରିବେଶବିତମାନେ କହିଛନ୍ତି।

ବେଆଇନ ବିସ୍ଫୋରଣ ଯୋଗୁ ପାହାଡ ଚତୁଃପାର୍ଶ୍ୱରେ ଥିବା ଧୁମାଗୁଡା, ମାରିଗୁଡା, ବାଇସିଂ ଓ ସହରର ଚେକାଗୁଡା ବସ୍ତିର ବାସିନ୍ଦା ମଧ୍ୟ ଆତଙ୍କିତ ରହୁଛନ୍ତି। ପରିବେଶବିତ ତଥା ସ୍ୱେଚ୍ଛାସେବୀ ଅଜୟ କୁମାର କଶ୍ୟପ କହିଛନ୍ତି, ନଦୀର ଗତିପଥ ପରିବର୍ତ୍ତନ କାରଣରୁ ଜଳଧାରଣ କ୍ଷମତା କମିବା ସହିତତ୍ ଏହା ପ୍ରାକୃତିକ ବିପର୍ଯ୍ୟୟକୁ ଏକ ପ୍ରକାର ଡାକିଆଣୁଛି। ଅନ୍ୟପଟେ ଖାଦାନ ଉପରକୁ ରହିଥିବା ୩ଟି ଭ୍ୟୁ ପଏଣ୍ଟ ଉପରେ ମଧ୍ୟ ଏହାର ସିଧାସଳଖ ପ୍ରଭାବ ପଡିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଭୟରେ ଆଉ ଲୋକେ ସେଠାକୁ ଆସୁ ନ ଥିବା ଦେଖାଯାଉଛି। କୌଣସି ପ୍ରକାର ଅନୁମତି ନ ଥାଇ ଜଣେ ଅଣଓଡିଆ



ବ୍ୟକ୍ତି ଏହି ଖାଦାନରେ ବିସ୍ଫୋରଣ କରି ବ୍ୟାପକ ପଥର ଲୁଟଛନ୍ତି। ଗତ ୩ ତାରିଖ ପର୍ଯ୍ୟନ୍ତ ଏହି ବେଆଇନ ଖନନ ଚାଲିଥିବା ଜଣାପଡିବା ପରେ ତହସିଲଦାର ତାପସ ରାଉତ ଘଟଣାସ୍ଥଳକୁ ଯାଇଥିଲେ। ସେଠାରୁ ଫେରି ଶେଷଖାଲ ଥାନାରେ ଏ ନେଇ ଏକ ମାମଲା ରୁଜୁ କରିଛନ୍ତି। ହେଲେ ପୋଲିସ ପକ୍ଷରୁ ଏ ଯାଏ କୌଣସି ପ୍ରକାର ତଦନ୍ତ କରାଯାଇନାହିଁ। ଘଟଣା ସମ୍ପର୍କରେ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ପଚାରିବାରେ ସେ କହିଛନ୍ତି, ବିସ୍ଫୋରୋକ ସାମଗ୍ରୀ ବ୍ୟବହାର ପାଇଁ କାହାକୁ ମଧ୍ୟ ପୋଲିସ ଅନୁମତି ଦେଇନାହିଁ। ତେବେ ଧୁମାଗୁଡା ପଥର ଖାଦାନରେ କିଭଳି ବ୍ୟବହାର ହେଲା ତାହା ଅନୁଧ୍ୟାନ କରାଯିବ। ତହସିଲଦାର ଯେଉଁ ମାମଲା ରୁଜୁ କରିଛନ୍ତି ତାହା ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ଶର୍ମା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ରାୟଗଡା ତହସିଲ ଅନ୍ତର୍ଗତ ଧୁମାଗୁଡା ମୌଜାର ଖାତା ନମ୍ବର ୨୭ର ପ୍ଲଟ ନମ୍ବର ୧୭୧ରେ ଏହି ବେଆଇନ ପଥର ଖାଦାନରୁ ବ୍ୟାପକ ଖନନ ହୋଇଛି। ୧୭୧ ନମ୍ବର ପ୍ଲଟ ୧୨ ଏକର ପରିମିତ ଅଞ୍ଚଳ ହୋଇଥିବା ବେଳେ ଏହା ଏକ ପାହାଡ ବୋଲି ଭୂଲେଖରେ ଉଲ୍ଲେଖ ରହିଛି। ଏକ ବିରାଟ ପାହାଡକୁ ମାଫିଆ ଜଣକ ଗତ ୨୦୨୧ରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩ ଏକରରୁ ଅଧିକ ଅଞ୍ଚଳ ଖନନ କରିଛନ୍ତି। ସେଠାରୁ ମୂଲ୍ୟବାନ୍ କଳା ପଥର ଖନନ କରି ସର ଭିତର ଦେଇ ଅହରହ ପଡୋଶୀ ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ଗୁଣପୁର,୬।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସାମୁହିକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଏହାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସଂପାଦକ ସୋମନାଥ ଗୌଡ ଶିଶୁ ମନ୍ଦିର ଶିକ୍ଷା ପ୍ରଣାଳୀରେ ପିଲାଙ୍କ ପ୍ରତି ମା'ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଉପସଭାପତି ମୀନକେତନ ପଣ୍ଡା, ଯୁଗ୍ମ ସଂପାଦକ ମୋହନ ଚନ୍ଦ୍ର ସାହୁ ଏବଂ ସଦସ୍ୟା ପ୍ରତିଭା ରଥ ଉପସ୍ଥିତ ରହି ପିଲାଙ୍କ ଭବିଷ୍ୟତ ଗଠନରେ ମା'ମାନଙ୍କ ଦାୟିତ୍ୱ ସଂପର୍କରେ ମାର୍ଗ ଦର୍ଶନ କରିଥିଲେ। ଆଚାର୍ଯ୍ୟା ରେଣୁକା ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଚାର୍ଯ୍ୟା ବିଶ୍ୱ ଭାରତୀ ମହାରଣା ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ସୁନିତା ପଣ୍ଡିତ ଧନ୍ୟବାଦ ପ୍ରଦାନ କରିଥିଲେ।

## ଓଏଭି ପ୍ରବେଶିକା ପରୀକ୍ଷାରେ ୧୮ ଅନୁପସ୍ଥିତ

ଗୁଡ଼ାରି,୬।୩(ଡି.ଏନ୍.ଏ.)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ନାମ ଲେଖାଇବା ନିମନ୍ତେ ଗୁଡ଼ାରି ସରକାରୀ ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟ ପରିସରରେ ରବିବାର ପ୍ରବେଶିକା ପରୀକ୍ଷା ହୋଇଥିଲା। ସରକାରୀ ହାଇସ୍କୁଲ କେନ୍ଦ୍ରରେ ମୋଟ ୯୩ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୮୧ ଜଣ ଉପସ୍ଥିତ ଥିଲେ। ଏଠାରେ ସୁପରିଣ୍ଟେଣ୍ଡେଣ୍ଟ ଭାବେ ସୁଶାନ୍ତି ପେଦେଣ୍ଟି, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ କଳ୍ପନା ଦେବୀ ନାଲା ଓ ଅବଜରର୍ଭର ଭାବେ ଗୋପାଳ ବାବୁ ଦାୟିତ୍ୱ ତୁଲାଇଥିଲେ। ସେହିପରି ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ କେନ୍ଦ୍ରରେ ୧୨୦ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୧୧୪ ଜଣ ଉପସ୍ଥିତ ଥିଲେ। ଏହି କେନ୍ଦ୍ରରେ ଜଗଜୀବନ ଦଳେଇ ସୁପେରିଣ୍ଟେଣ୍ଡେଣ୍ଟ ଭାବେ ଓ ଅବଜରର୍ଭର ଭାବେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନବକୃଷ୍ଣ ଗମାଙ୍ଗ ନିୟୋଜିତ ଥିଲେ। ଏହି ଦୁଇଟି କେନ୍ଦ୍ରରେ ଷଷ୍ଠ ଶ୍ରେଣୀରେ ୧୮୦, ସପ୍ତମରେ ୬, ଅଷ୍ଟମରେ ଜଣେ ଓ ନବମ ଶ୍ରେଣୀରେ ୮ ଜଣ ପରୀକ୍ଷା ଦେଇଥିବା ବେଳେ ୧୮ଜଣ ଅନୁପସ୍ଥିତ ଥିଲେ।ତେବେ କେଉଁ ପରିସ୍ଥିତିରେ ଏହି ୧୮ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଲେ ସେ ସମ୍ପର୍କରେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଇବା ନିମନ୍ତେ ଚିଠି ହେବ ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧକାରୀ କହିଛନ୍ତି।

# ପଦ୍ମପୁର ଦୋଳଯାତ୍ରାରେ ଭିଡ଼ ଜମୁଛି

ପଦ୍ମପୁର,(୬.୩.୨୩)

ଦକ୍ଷିଣ ଓଡ଼ିଶାର ଐତିହାସିକ ପ୍ରସିଦ୍ଧ ପଦ୍ମପୁରରେ ଐତିହାସିକ ଯୁଗୋଳ କିଶୋର ମହାପ୍ରଭୁଙ୍କ ପ୍ରସିଦ୍ଧ ଦୋଳଯାତ୍ରା ଚାଲିଛି। ଗୋବିନ୍ଦ ଦ୍ୱାଦଶୀ ଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଧାକୃଷ୍ଣ ଯୁଗୋଳ କିଶୋରଙ୍କୁ ପ୍ରତ୍ୟେହ ସୁସଜ୍ଜିତ ବିମାନରେ ବସାଇ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଉଛି। ଦୋଳ ପୂର୍ଣ୍ଣିମା ମଧରାତିରେ ଠାକୁରମାନେ ହୋଲିକା ଦହନ କାର୍ଯ୍ୟ କରିବେ। ଠାକୁରଙ୍କ ସେବକମାନେ ଗ୍ରାମ ଶେଷ ମୁଣ୍ଡରେ ଆଗରୁ ପ୍ରସ୍ତୁତ କାଉଁରିଆ କାଠିରେ ଗମ୍ବୁଜ ଭଳି କରି ଏହା ଉପରେ ଏକ ପତକା ବନ୍ଧା ଯାଇଥାଏ। ଠାକୁରମାନଙ୍କୁ ଗ୍ରାମ ପରିକ୍ରମା ପରେ ସେହି ସେହି ଗମ୍ବୁଜ ସ୍ଥାନକୁ ନିଆଯାଇ ବ୍ରାହ୍ମଣମାନଙ୍କ ଦ୍ୱାରା



ପୂଜାପାଠ ହୋମ କରାଯାଇଥାଏ। ହୋମ ନିଆଁରୁ କାଉଁରିଆ କାଠରେ ନିର୍ମିତ ଗମ୍ବୁଜକୁ ଅଗ୍ନି ସଂଯୋଗ କରାଯାଏ। ଏହା ପୋଡ଼ିବା ସମୟରେ ଉପରେ ବନ୍ଧା ଯାଇଥିବା ପତାକା ଯେଉଁ ଦିଗରେ ପଡ଼ିଥାଏ ସେ ଦିଗରେ ସେହିବର୍ଷ ଚାଷ ଭଲ ହୋଇନଥାଏ ବୋଲି ଲୋକମାନଙ୍କ ବିଶ୍ୱାସ ରହିଛି।

ହୋଲି ଦିନ ଠାକୁରଙ୍କ ଠାରେ ହୋଲି ଖେଳ ଆରମ୍ଭ କରିବା ପରେ ସହରର ସମସ୍ତେ ହେଲି ଖେଳିଥାନ୍ତି। ଏ ବର୍ଷ ଶ୍ରୀରାଧା କୃଷ୍ଣ ଯୁଗୋଳ କିଶୋର ମହାପ୍ରଭୁଙ୍କ ଦୋଳ ଯାତ୍ରାରେ ପୌରାଣିକ କାର୍ଯ୍ୟକ୍ରମ ନୟାଗଡ଼ର ରାମଚଣ୍ଡୀ ନାଟ୍ୟ ସାସଦ ଦ୍ୱାରା ଅନୁଷ୍ଠିତ ହେଉଥିବା ବେଳେ ପୌରାଣିକ ନାଟକ ଭକ୍ତ ପ୍ରହ୍ଲାଦ ନାଟକ ପରିବେଷଣ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଶହ ଶହ ଭକ୍ତ ସମାଗମ ହେଉଥିବା ବେଳେ ପଦ୍ମପୁର ପୋଲିସ ତରଫରୁ ଆଇନ ଶୃଙ୍ଖଳା ଉପରେ ଦୃଷ୍ଟି ରଖାଯାଇଛି।

# ବାଫିଲମାଳି ବକ୍ସାଇଟ ଖଣି ପୁରସ୍କୃତ

ଟିଁକିରି,୬।୩(ଡି.ଏନ୍.ଏ.)

ଉତ୍କଳ ଆଲୁମିନାର ବାଫିଲମାଳି ବକ୍ସାଇଟ ଖଣିକୁ ଖଣି ମନ୍ତ୍ରଣାଳୟ ପକ୍ଷରୁ ମାର୍ଚ୍ଚ ୧ ତାରିଖ 'ଖଣିଜ ଦିବସ' ଅବସରରେ ସମ୍ମାନଜନକ ୫ ଷ୍ଟାର୍ ମାନ୍ୟତା ପ୍ରଦାନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଇସ୍ପାତ ଓ ଖଣି ସଚିବ ବିବେକ ଭରଦ୍ୱାଜ, ଅତିରିକ୍ତ ସଚିବ ଏବଂ ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସର କଂଟ୍ରୋଲର ଜେନେରାଲ ଉପସ୍ଥିତ ରହି ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ସାମାଜିକ ଦାୟିତ୍ୱବଦ୍ଧତା, ପରିବେଶଗତ ଅନୁକୂଳ, ବୈଷୟିକ ଏବଂ ବିଜ୍ଞାନସମ୍ମତ ଭାବେ ମଜଭୁତ ଖଣିକାର୍ଯ୍ୟ ପରିଚାଳନାକାରୀଙ୍କୁ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଉଛି। ୫ ଷ୍ଟାର୍ ଖଣି ମାଲିକମାନଙ୍କୁ ସମ୍ବର୍ଦ୍ଧିତ କରିବାକୁ ଆଇବିଏମ, ନାଗପୁର ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୨୦୨୧-୨୨ ବର୍ଷ ପାଇଁ ରିଟର୍ନର ଯାଞ୍ଚ, ରେକର୍ଡ ଏବଂ ସଫଳତା ଆଦି ସମୟରେ ଆଇବିଏମ ଅଧିକାରୀମାନଙ୍କ ଦ୍ୱାରା କଡାକଡି ତଦାରଖ ପରେ ଏହି ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଥିଲା। ପୁରସ୍କାର ପ୍ରଦାନ ସମାରୋହରେ ହିଣ୍ଡାଲକୋ ବିଜନେସ୍ ହେଡ ରାଜେଶ ଗୁପ୍ତା, ବକ୍ସାଇଟ ହେଡ୍ ବ୍ରିଜେଶ ଝା, ଉତ୍କଳ ଆଲୁମିନା ମାଇନ୍ସ ହେଡ୍ ମୁକେଶ କୁମାର ଝା, ଜିଓଲୋଜି ହେଡ କେ ସି ଜ୍ୟୋତିଷୀ, ମାଇନ୍ସ ମ୍ୟାନେଜର ପ୍ରଦ୍ୟୁମ୍ନ ଦାସ ଏବଂ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉତ୍କଳ ଆଲୁମିନାର ୟୁନିଟ ହେଡ ତଥା ପ୍ରେସିଡେଣ୍ଟ ମଜହର ବେଗ ପୁରସ୍କାର ନିମନ୍ତେ ଆଇବିଏମକୁ କୃତଜ୍ଞତା ଜଣାଇଥିଲେ ।

# ଡିଆର୍‌ଏମ୍‌ଙ୍କ ଗୁଣପୁର ଷ୍ଟେଶନ ପରିଦର୍ଶନ

ଗୁଣପୁର,୬।୩(ଡି.ଏନ.ଏ)

ବିଶାଖାପାଟଣା ରେଳ ଡିଭିଜନର ଡିଆର୍‌ଏମ ଅନୁପ କୁମାର ଶତପଥୀ ରବିବାର ରାତିରେ ଗୁଣପୁର ଷ୍ଟେଶନ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ଆନ୍ଧ୍ର-ଓଡିଶା ରେଳ ବ୍ୟବହାରିକ ସଂଘ ପକ୍ଷରୁ ଡିଆର୍‌ଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେଥିରେ ଗୁଣପର-ନୌପଡା ମଧ୍ୟରେ ଡବଲ ଲାଇନ କରାଯିବା, ଗୁଣପୁର ଷ୍ଟେଶନରେ ଦୁଇ ନମ୍ବର ପ୍ଲାଟଫର୍ମ ସହ ଅନ୍ୟ ଏକ ଲାଇନ ନିର୍ମାଣ, କାଶୀନଗର ଏବଂ ତେମୁର ଓ ଗଙ୍ଗୱାଡାଠାରେ ରେଳ କ୍ରସିଂ ବ୍ୟବସ୍ଥା ନିମନ୍ତେ ବ୍ରାକ୍ କରିବା, ଗୁଣପୁର ଠାରୁ ସାଲିମାର ପର୍ଯ୍ୟନ୍ତ ଦୁରଗାମୀ ଟ୍ରେନ ଚଳାଚଳ କରିବା, ୨୦୨୧-୨୦୨୨ର ୧୦ କୋଟି ଏବଂ ୨୦୨୨-୨୦୨୩ର ୫୦ କୋଟି ମଞ୍ଜୁର ହୋଇଥିବା ଅର୍ଥକୁ ଗୁଣପୁର ନୌପଡା ମଧ୍ୟରେ ରେଳ ଧାରଣା ଡବଲିଂ ପାଇଁ ଖର୍ଚ୍ଚ କରାଯିବାକୁ ଦାବି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଆଇଇରେ ମହାନିର୍ଦ୍ଦେଶକ ଡ.ଜଗଦୀଶ ପଣ୍ଡା, ସମାଜିକ କର୍ମୀ ଅକ୍ଷୟ ଦାସ, ମିଲି ପାଢୀ, ଉମା ଶଙ୍କର ଦାସ, ସୁରେନ୍ଦ୍ର ମଲିକ, ରାଜେଶ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଡିଆରଏମ ଗୁଣପୁର ଷ୍ଟେଶନ ପରିଦର୍ଶନ ବେଳେ ନୌପଡା-ଗୁଣପୁର ରେଳପଥରେ କିପରି ଟ୍ରେନ୍‌ର ଗତି ବଢିବ, ଗୁଣପୁର ଏବଂ ପାରଳାଖେମୁଣ୍ଡିରେ ପ୍ଲାଟଫର୍ମର ଉଚ୍ଚତା ବୃଦ୍ଧି, ଅଧିକା ଟ୍ରେନ କିପରି ଚଳାଚଳ ହେବ ଆଦି ଦିଗରେ ଅନୁଧ୍ୟାନ କରାଯାଉଥିବା ସୂଚନା ଦେଇଥିଲେ।



ଡିଆରଏମଙ୍କ ସହ ଗୁଣପୁରର ମାନ୍ୟଗଣ୍ୟ ବ୍ୟକ୍ତିମାନେ।

# ଧାରଣାରେ ବସିଲେ ପରିବାର



ଧାରଣାରେ ବସିଥିବା ପରିବାର।

ରାୟଗଡ଼ା,୬।୩(ସ୍ୱ.ପ୍ର.)

**ଜମି କ୍ଷତିପୂରଣ ଦାବି**

କମ୍ପାନୀ ଯେତିକି ଜମି ଅଧିଗ୍ରହଣ କରିଛି, ତାହାଠାରୁ ଅଧିକ ଦଖଲ କରିଛି। ବାରମ୍ବାର ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କୁ ଏ ନେଇ ଜଣାଇଥିଲେ ମଧ୍ୟ କ୍ଷତିପୂରଣ ମିଳୁ ନ ଥିବା ଏକ ଦମ୍ପତି ଅଭିଯୋଗ କରିଛନ୍ତି। ତେଣୁ ବାଧ୍ୟ ହୋଇ ଦମ୍ପତି ବାସନ୍ତୀ ତୁରୁକ ଓ ଫିଲିପ୍ସ ବେହେରା ସୋମବାର ସପରିବାର ଆସି ଜିଲା ପରିଷଦ କାର୍ଯ୍ୟାଳୟ ବାହାରେ ଧାରଣାରେ ବସିଥିଲେ। ସୋମବାର ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ଧାରଣାରେ ବସିଥିବା ଏହି ଦମ୍ପତିଙ୍କ ସହ କୌଣସି ଆଲୋଚନା ପାଇଁ ପ୍ରଶାସନ ପକ୍ଷରୁ କେହି ଆସି ନ ଥିଲେ। ଖରାତାତିରେ ଧାରଣାରେ ସପରିବାର ଦୀର୍ଘ ସମୟ ବସିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଲିଖିତ ଅଭିଯୋଗପତ୍ର ଦେଇ ସେମାନେ ଚାଲିଯାଇଛନ୍ତି। ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ଦମ୍ପତି ଅନୁରୋଧ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମଧ୍ୟ ବାସନ୍ତୀ ଓ ଫିଲିପ୍ସଙ୍କ ସହ କୌଣସି ଆଲୋଚନା କରି ନ ଥିବା ଜଣାପଡ଼ିଛି ।

ପ୍ରକାଶ ଯେ, ଦୋରାଗୁଡ଼ାରେ କମ୍ପାନୀ ନିମନ୍ତେ ଜମି ଅଧିଗ୍ରହଣ ବେଳେ ଦମ୍ପତିଙ୍କର ୨୪ ସେଣ୍ଟ ଜମି ନେଇଥିଲା । କମ୍ପାନୀ ୨୪ସେଣ୍ଟ ଜମିର କ୍ଷତିପୂରଣ ଦେଇ ୪୦ ସେଣ୍ଟ ଜମି ଦଖଲ କରିଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ।

## ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା, ପ୍ରଶିକ୍ଷଣ ଶିବିର

ପଦ୍ମପୁର,୬।୩(ଡି.ଏନ.ଏ)

ସରକାରୀ ଉଚ୍ଚ ବିଦ୍ୟାଳୟ ସିକରପାଇ ଠାରେ ଗତ ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା, ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା କ୍ରୀଡ଼ା ଅଧିକାରୀ ଶତ୍ରୁଘ୍ନ ମଲ୍ଲିକ ଏବଂ ଜିଲା ରେଡ଼କ୍ରସ ଅଫିସର ମୃତ୍ୟୁଞ୍ଜୟ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲାର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ନୃତ୍ୟ, ଗୀତ,ବକ୍ତୃତା, ଚିତ୍ର, କୁଇଜ ଇତ୍ୟାଦି ବିଭିନ୍ନ ବିଭାଗରେ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବସନ୍ତ ଦେବୀ ବିଦ୍ୟାପୀଠର ଛାତ୍ରୀମାନେ ଦଳଗତ ନୃତ୍ୟ, ଦଳଗତ ସଙ୍ଗୀତ ଓ ଏକକ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସାଂସ୍କୃତିକ ବିଭାଗରେ ଚାମ୍ପିୟନ ହୋଇଛନ୍ତି । ଏଥିସହ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି।

# ଅଧା ରହିଗଲା ନିୟମିତ ହେବା ସ୍ୱପ୍ନ, ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ବିୟୋଗ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ରାୟଗଡା ଜିଲାରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଶିକ୍ଷକ ରାମକୃଷ୍ଣ ଶବରଙ୍କର ଅକାଳ ବିୟୋଗ ହୋଇଛି। ସେ ୨୦୧୬ରେ ନବରଙ୍ଗପୁର ଜିଲାରେ ଚୁକ୍ତିଭିତ୍ତିକ ଶିକ୍ଷକ ଭାବେ ଚାକିରି ଆରମ୍ଭ କରିଥିଲେ। ନିକଟରେ ଆପୋସ ବଦଳି ହୋଇ ନିଜ ଜିଲାକୁ ଆସିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ସରକାରଙ୍କର ନିୟମରେ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀ ୬ ବର୍ଷ ଚାକିରୀ ସମୟ ପୂରଣ ପରେ ନିୟମିତ ହେବାର ନିୟମ ରହିଥିଲେ ମଧ୍ୟ ରାମକୃଷ୍ଣଙ୍କ ଚାକିରି ପାଖାପାଖି ୭ ବର୍ଷ ପୂରଣ କରିଥିଲେ ବି ସରକାର ତାଙ୍କୁ ନିୟମିତ କରି ନ ଥିଲେ। ନିୟମିତ ହେବାର ସ୍ୱପ୍ନ ତାଙ୍କର ଅଧାରେ ରହିଯାଇଥିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ତେଣୁ ସରକାର ତୁରନ୍ତ ଶିକ୍ଷକଙ୍କ ଚାକିରି ନିୟମିତ କରି ତାଙ୍କ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ଯୋଗାଇଦେବା ସହ ସମସ୍ତ ଚୁକ୍ତିଭିତ୍ତିକ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ନିୟମିତ କରିବା ପାଇଁ ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ,ମହାସଚିବ ବିଶ୍ୱଜିତ ବିଶ୍ୱାଳ, ମିଡ଼ିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ପଞ୍ଚାନନ ଜେନା ଏବଂ ଆବାହକ ନିରୋଦ ରଥ ଦାବି ଜଣାଇଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ରାୟଗଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ରାୟଗଡା ଅଫିସ,୬।୩

ରାୟଗଡା ଜିଲା ପ୍ରଶାସନ ତରଫରୁ ଜିଲା ସଦର ମହକୁମା ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଉପଜିଲାପାଳ ଭୀମସେନ ଶବର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲାଲମୋହନ ରାଉତରାୟ ଉପସ୍ଥିତ ଥିଲେ। ମୋଟ ୫୧ଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୪୩ଟି ବ୍ୟକ୍ତିଗତ ଓ ୮ଟି ଅଭିଯୋଗ ସାମୂହିକ ଥିଲା । ଶିବିରରେ ଉପଖଣ୍ଡ ପୋଲିସ ଅଧିକାରୀ ଦେବଜ୍ୟୋତି ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ମିଶନ,ଡ଼ଃ. ଦୟାନିଧି ବାଗ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜିଲା ଯୋଗାଣ ଅଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତହସିଲଦାର ତାପସ କୁମାର ରାଉତ, ବିଡ଼ିଓ ଲକ୍ଷ୍ମୀ ନାରାୟଣ ସାବତ, ଜିଲା କର୍ମ ନିୟୋଜନ ଅଧିକାରୀ ତତ୍ତ୍ୱମୋସି ମହାପାତ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗଗୁଡିକ ପାଇବା ପରେ ଅତିରିକ୍ତ ଜିଲାପାଳ ପ୍ରଧାନ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।



ଅଭିଯୋଗ ଶୁଣାଣି ଚାଲିଛି।

# ଉଦ୍ୟୋଗୀ ମେଳାରେ ଏସ୍‌ଏଚଜି ସାମଗ୍ରୀର ଚାହିଦା

**ଉଦ୍ୟୋଗ ପ୍ରତିଷ୍ଠା ଓ ବିକାଶ ନେଇ ଆଲୋଚନାଚକ୍ର**

ରାୟଗଡ଼ା,(ସ୍ୱ.ପ୍ର.)/
ରାୟଗଡ଼ା ଅଫିସ,୬।୩

ରାୟଗଡ଼ା ଜିସିଡ଼ି ପଡ଼ିଆଠାରେ ରବିବାରଠାରୁ ଜିଲାସ୍ତରୀୟ ଉଦ୍ୟୋଗୀ ମେଳା ଆରମ୍ଭ ହୋଇଛି। ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ମେଳାକୁ ମନ୍ତ୍ରୀ ଜଗନ୍ନାଥ ସାରକା ଉଦ୍‌ଘାଟନ କରିଥିଲେ। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୦୦ ଜଣ ଉଦ୍ୟୋଗୀ ଓ ଏସ୍‌ଏଚଜି ଗ୍ରୁପ ଅଂଶଗ୍ରହଣ କରିଛନ୍ତି । ସୋମବାର ଦ୍ୱିତୀୟ ଦିନରେ ଆତ୍ମନିଯୁକ୍ତି ଯୋଗାଣ ଓ ରାଜ୍ୟ ତଥା ଦେଶର ଅଭିବୃଦ୍ଧିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଅବଦାନ ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଅବସରପ୍ରାପ୍ତ ଶିଳ୍ପ ନିର୍ଦ୍ଦେଶକ ପ୍ରମୋଦ ଚନ୍ଦ୍ର ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏମ୍‌ଏସ୍‌ଏମଇ ରାୟଗଡ଼ାର ସହକାରୀ ନିର୍ଦ୍ଦେଶକ ଏନ.କୋଟି ରତ୍ନମ, ଷ୍ଟେଟବ୍ୟାଙ୍କ ଆଞ୍ଚଳିକ ମୁଖ୍ୟାଳୟର ମୁଖ୍ୟ ପରିଚାଳକ ଦେବଦାସ ଲିମା, ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ପାତ୍ର ଓ ଏମଏସଏମଇ ସଂଘ ସଭାପତି ଏ.ଗୋବିନ୍ଦ ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିଳ୍ପ ସ୍ଥାପନର ବିଭିନ୍ନ ଦିଗ, ସମସ୍ୟା ଓ ଏହାର ସମାଧାନ, ବ୍ୟାଙ୍କ ଋଣ ଓ ରିହାତି ସୁବିଧା ଆଦି ବିଷୟରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରକୁ ଆଇପିଓ ସବ୍ୟସାଚୀ ସାହୁଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ପରିଚାଳନା କରିଥିବା ବେଳେ ଆଇପିଓ ଚିତରଞ୍ଜନ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ । ମଙ୍ଗଳବାର ଏଠାରେ ମହିଳା ଦିବସ ପାଳନ କାର୍ଯ୍ୟକ୍ରମ ରହିଛି । ମେଳାରେ ଯୋଗଦେଇଥିବା ବିଭିନ୍ନ ଏସଏଚଜି ଓ ଉଦ୍ୟୋଗର ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରୟ ମଧ୍ୟ କରାଯାଉଛି । ବିଶେଷ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦିତ ମସଲା, ବଡ଼ି, ପାମ୍ପଡ଼, ଝାଡୁ, ହଳଦୀ ଓ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଚାହିଦା ଅଧିକ ରହୁଥିବା ଦେଖିବାକୁ ମିଳିଛି। ଜିଲାର ୪ଟି ବୃହତ ଶିଳ୍ପାନୁଷ୍ଠାନ ଉତ୍କଳ ଆଲୁମିନା, ଜେକେ ପେପରମିଲ୍, ଇମ୍ଫା ଏବଂ ବେଦାନ୍ତ ଆଲୁମିନା ଏଥିରେ ଯୋଗ ଦେଇଛନ୍ତି।




ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।



ଏସଏଚଜି ପ୍ରସ୍ତୁତ ସାମଗ୍ରୀର ଷ୍ଟଲ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୭ ମାର୍ଚ୍ଚ, ୨୦୨୩



**ଦୋଳବିମାନରେ ବୁଲିଲେ ରାଧାକୃଷ୍ଣ**

କୋରାପୁଟ,(ସ୍ୱ.ପ୍ର.)- ଦୋଳପୂର୍ଣ୍ଣିମା ଓ ହୋଲି ଅବସରରେ ହାତୀଲାଇନସ୍ଥିତ ରାଧାକୃଷ୍ଣ ମନ୍ଦିରର ରାଧାକୃଷ୍ଣ କୋରାପୁଟ ସହରର ବିଭିନ୍ନ ସାହି ଦୋଳ ବିମାନରେ ବୁଲି ଶ୍ରଦ୍ଧାଳୁଙ୍କଠାରୁ ଭୋଗ ଲାଗି ହୋଇଛନ୍ତି। ସେହିପରି ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ପକ୍ଷରୁ ମଧ ଦୋଳ ପୂର୍ଣ୍ଣିମା ନେଇ ବିଶେଷ କାର୍ଯ୍ୟକ୍ରମ କରାଯାଉଥିବା ସମ୍ପାଦକ ଜଗବନ୍ଧୁ ସାମଲ କହିଛନ୍ତି।

## ସଂକ୍ଷେପରେ

### ଗୁଳିକାଣ୍ଡ ମାମଲାରେ ଜଣେ ଗିରଫ

ଜୟପୁର, ୬।୩ (ନି.ପ୍ର.) ଜୟପୁରରେ ସ୍ୱଷ୍ଟ ଦିବାଲୋକରେ ନିକଟରେ ଜଣେ ବ୍ୟବସାୟୀ ଆଦର୍ଶ ଅଗ୍ରୱାଲଙ୍କ ଉପରକୁ ହୋଇଥିବା ଗୁଳିମାଡ ଘଟଣାରେ ଟାଉନଥାନା ପୋଲିସ ଜଣକୁ ଗିରଫ କରିଛି। ସେହେଲେ ଖ୍ରୀଷ୍ଟିଆନପେଟାର ଅଭିଜିତ ମହୁରିଆ ଏଲିୟସ ଜିହିତ। ଅନ୍ୟଜଣେ ଫେରାର ଅଛନ୍ତି।

### ମାଟ୍ରିକ ପରୀକ୍ଷା ବର୍ଜନ ନେଇ ଶିକ୍ଷକଙ୍କ ଦାବିପତ୍ର

ଜୟପୁର,୬।୩ (ନି.ପ୍ର.)-ଜୟପୁର ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ସୋମବାର ଜୟପୁର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମୃତ୍ୟୁଞ୍ଜୟ ପଣ୍ଡାଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଆସନ୍ତା ୧୦ ତାରିଖରୁ ହେବାକୁ ଥିବା ମାଟ୍ରିକ ପରୀକ୍ଷା ଡ୍ୟୁଟି ବର୍ଜନ କରିବା ଏବଂ ରାଜ୍ୟ ସଂଘ ପକ୍ଷରୁ ଭୁବନେଶ୍ୱରରେ ୧୫ ତାରିଖରେ ହେବାକୁ ଥିବା ଆନ୍ଦୋଳନରେ ସଂଘର ସମସ୍ତ ସଦସ୍ୟ ଯୋଗଦେବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ସଂଘ ସଭାପତି ସୁଶୀଲ କୁମାର ପ୍ରେମ, କନିଷ୍ଠ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ପଲାଇ, ଦିଲ୍ଲୀପ ମିଶ୍ର, ଜ୍ୟୋତିଶଙ୍କର ତ୍ରିପାଠୀ, ସାଗର ତ୍ରିପାଠୀ, ଭାଗୀରଥି ବାରିକ, ଗିତାଞ୍ଜଳି ମିଶ୍ର, ଗାୟତ୍ରୀ ପାଳ, ନିତୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗ

ଜୟପୁର, ୬।୩ (ନି.ପ୍ର.)- ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରାଯାଇଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବୈପାରିଗୁଡା ଅଞ୍ଚଳର ଅରୂପ ତନ୍ତ। ଅରୂପ ସମ୍ପୃକ୍ତ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖି ଆସିଥିଲେ। ପରେ ତାଙ୍କୁ ବିବାହ କରିବାକୁ ମନା କରିଥିଲେ। ଏନେଇ ନାବାଳିକା ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଗୁରୁତର ସହ ନେଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲଣ କରାଯାଇଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ଓକିଲ ସଂଘ ନିର୍ବାଚନ, ୧୩ ପ୍ରାର୍ଥୀପତ୍ର ଦାଖଲ

କୋରାପୁଟ, ୬।୩, (ସ୍ୱ.ପ୍ର.)- କୋରାପୁଟ ଓକିଲ ସଂଘର ନିର୍ବାଚନ ମାର୍ଚ୍ଚ ୨୫ରେ ହେବ। ଏ ନେଇ ମାର୍ଚ୍ଚ ୪ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ସୁଦ୍ଧା ୧୩ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ନିକଟରେ ଦାଖଲ କରିଛନ୍ତି। ସଂଘର ସଭାପତି, ଉପସଭାପତି, ସମ୍ପାଦକ ଓ କୋଷାଧକ୍ଷ ପଦବୀ ଏବଂ ୮ଜଣ କାର୍ଯ୍ୟକାରୀ ସମିତି ସଭ୍ୟ ପଦରେ ନିର୍ବାଚନ ହେଉଥିବା ଆଚାର୍ଯ୍ୟ କହିଛନ୍ତି। ଆସନ୍ତା ୧୦ରେ ନାମାନଙ୍କପତ୍ର ଯାଞ୍ଚ ଏବଂ ୧୩ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

### ଡ୍ରାଇଭର ମହାସଂଘ ପକ୍ଷରୁ ଦାବିପତ୍ର

କାଲିମେଲା, ୬।୩(ଡି.ଏନ.ଏ.)- ବିଭିନ୍ନ ଦାବି ନେଇ ଡ୍ରାଇଭର ମହାସଂଘ ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୫ରେ ସାରା ଓଡ଼ିଶାରେ ଆନ୍ଦୋଳନ ସହ ଅଖଚକ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏନେଇ ସୋମବାର ମାଲକାନଗିରି ଜିଲା କାଲିମେଲାସ୍ଥିତ ଡ୍ରାଇଭର ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। କାଲିମେଲା ସଂଘ ସଭାପତି ପ୍ରଦୀପ ରାୟଙ୍କ ନେତୃତ୍ୱରେ ସମ୍ପାଦକ ସଞ୍ଜୟ ରାୟ ଓ ଅନ୍ୟମାନେ ଥାନା, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଅଗ୍ନିଶମ କାର୍ଯ୍ୟାଳୟରେ ଅଧିକାରୀମାନଙ୍କୁ ଦାବିପତ୍ର ଦେଇଛନ୍ତି।

### କଳାବ୍ୟାଜ୍ ପିନ୍ଧିଲେ ଏନ୍‌ପିଏସ୍ ଶିକ୍ଷକ

କୁଡୁମୁଲୁଗୁମ୍ମା,୬।୩(ଡି.ଏନ.ଏ.)- କୁଡୁମୁଲୁଗୁମ୍ମାରେ କାର୍ଯ୍ୟରତ ଏନପିଏସ୍ ଶିକ୍ଷୟିତ୍ରୀ ଶିକ୍ଷକ ସୋମବାର କଳାବ୍ୟାଜ୍ ପିନ୍ଧି ନିଜ ଦାବି ପୂରଣ ନେଇ ପ୍ରତିବାଦ ଜଣାଇଛନ୍ତି। ରାଜ୍ୟ ସରକାର ମିଳିତ ଶିକ୍ଷକ ମହାସଂଘର ୩ଟି ଦାବି ପୂରଣ କରିବାକ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ରାଜ୍ୟ ସଂଘ ଡାକରାରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏପରି ପ୍ରତିବାଦ କରିଛନ୍ତି। ଏନପିଏସ ଶିକ୍ଷକ ଓ ପ୍ରାଥମିକ ଶିକ୍ଷକଙ୍କ ଗ୍ରେଡ ପେରେ ଅସମାନତା, କେନ୍ଦ୍ରୀୟ ହାରରେ ଦରମା , ୬ବର୍ଷ ଠିକା ସମୟ ହିସାବକୁ ନେଇ ମୂଳ ସମୟରେ ମିଶାଇବା, ପୁରୁଣା ପେନସନ ପ୍ରଦାନ ଦାବି କରି ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନ କରି ଆସୁଛନ୍ତି। ସରକାର ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରି ସମୟ ଗଡାଇ ଚାଲିଥିବାରୁ ସୋମବାର ଏହାର ପ୍ରତିବାଦ କରାଯାଇଛି ବୋଲି ବ୍ଲକ ଏନପିଏସ ସଭାପତି ଉମାଶଙ୍କର ଦାସ , ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରମେଶ ଚନ୍ଦ୍ର ନେଲୁରୁ କହିଛନ୍ତି।

# ବିମାନରେ ଆସିଲେ ମୁଖ୍ୟ ଦିଶାରୀ, ପୂଜାରୀଙ୍କ ସହ ଶିଷ୍ୟ

**ବଡଯାତ୍ରାର ତୃତୀୟ ଦିବସ**

ମାଲକାନଗିରି, ୬।୩(ଡି.ଏନ୍.ଏ.)



ବଡଯାତ୍ରାକୁ ଛତିଶଗଡ ମୁଖ୍ୟ ଦିଶାରୀ ସିଂହାସନରେ ଆସୁଛନ୍ତି । ମାଣ୍ଡିଆଭଙ୍ଗାଠାରୁ ତିନି ଠାକୁରଙ୍କୁ ମାଉଳି ମା' ମନ୍ଦିରକୁ ଶୋଭାଯାତ୍ରାରେ ନିଆଯାଉଛି । ଯାତ୍ରାସ୍ଥଳକୁ ଆସୁଛନ୍ତି ଆନ୍ଧ୍ରପ୍ରଦେଶ ମୁଖ୍ୟ ଦିଶାରୀ ଦମ୍ପତି ।

ମାଲକାନଗିରି ଜିଲା ସଦର ମହକୁମାରେ ଚାଲିଥିବା ପ୍ରସିଦ୍ଧ ବଡଯାତ୍ରାର ସୋମବାର ଥିଲା ତୃତୀୟ ଦିବସ। ଯାତ୍ରାକୁ ବିମାନରେ ମୁଖ୍ୟ ଦିଶାରୀ, ପୂଜାରୀଙ୍କ ସହ ଶିଷ୍ୟ ଆସି ପହଞ୍ଚିଛନ୍ତି। ଆନ୍ଧ୍ର, ତେଲେଙ୍ଗାଣା, ଛତିଶଗଡ ଓ ଓଡିଶାର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଛି। ଗ୍ରାମଦେବୀଙ୍କ ସହ ସ୍ୱତନ୍ତ୍ର ବିମାନରେ ମୁଖ୍ୟ ଦିଶାରୀ ପଟୁଆର ସହ ମାଉଳି ମା ମନ୍ଦିରରେ ପହଞ୍ଚି ଗତ ରାତିରେ ତିନିଠାକୁର ବାଲରାଜ, କାନମରାଜ, ପୋତରାଜ ଓ ଦେବୀ ମୁତ୍ୟୁଲୁଆମ୍ମାଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ଚତୁଃପାର୍ଶ୍ୱରେ ଦିଶାରୀ, ତାନ୍ତ୍ରିକ, ପୂଜାରୀଙ୍କ ସହ ଶ୍ରଦ୍ଧାଳୁମାନେ ନୃତ୍ୟ କରଥିଲେ। ତେବେ ମୁଖ୍ୟ ମହିଳା ଓ ପୁରୁଷ ଦିଶାରୀମାନେ ଗାଲରେ ଏକ ତୀର ଗାଲ ଗୋଟିଏ ପାଖରୁ ଅନ୍ୟ ପାଖ ପର୍ଯ୍ୟନ୍ତ କଣା କରି ରଖିଥିବା ଦେଖିବାକୁ ମିଳିଥିଲା। ସେମାନଙ୍କୁ ରାଜକୀୟ ବେଶରେ ପାଲିଙ୍କିରେ ନିଆ ଯାଉଥିଲା। ରାତିରେ ମାଣ୍ଡିଆ ଭଙ୍ଗାରୁ ତିନି ଠାକୁର ଓ ମା' ମୁତ୍ୟାଲାମ୍ମାଙ୍କୁ ମୁଖ୍ୟ ମାଉଲିମା ମନ୍ଦିରକୁ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମରୁ ଅସିଥିବା ୧ହଜାରରୁ ଉର୍ଦ୍ଧ୍ୱ ଲାଠି ଦେବତା ସାମିଲ ହୋଇଥିଲେ। ପଡୋଶୀ ସୁକୁମା ରଜା ଏକ ସ୍ୱତନ୍ତ୍ର ବିମାନରେ ଆସି ପରିବାର ସହ ଦେବାଦେବୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରଥିଲେ। ମାଲକାନଗିରି ବଡଯାତ୍ରା ପରିଚାଳନା କମିଟି ପକ୍ଷରୁ ସୁକୁମା ରାଜା ଓ ରାଣୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମିଲର୍ସ ସଂଘ ପକ୍ଷରୁ ଅନ୍ନ ପ୍ରସାଦ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜଳଛତ୍ର ଖୋଲାଯାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଭିଡ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ ହେବାକୁ ପଡୁଥିବା ଦେଖିବାକୁ ମିଳୁଛି।

# ୫୦ ଅଭିଯୋଗ ଶୁଣିଲେ ଜିଲାପାଳ

ଦଶମନ୍ତପୁର/ଜୟପୁର,୬।୩ (ଡି.ଏନ.ଏ./ନି.ପ୍ର.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଉମ୍ବରୁଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ ଜିଲାପାଳ ମହମ୍ମଦ ଅବଦୁଲ ଅଖତାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାଶ, ଜିଲା ଚିକିତ୍ସା ଅଧିକାରୀ ଅରୁଣ ସାହୁ ପାଢୀଙ୍କ ସମେତ ମୃତ୍ତିକା ସଂରକ୍ଷଣ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ଶିଶୁ ବିକାଶ, ପ୍ରାଣୀଚିକିତ୍ସା, ଉଦ୍ୟାନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସିଥିବା ୫୦ ଅଭିଯୋଗକୁ ଜିଲାପାଳ ଶୁଣିଥିଲେ। ଏଥିରେ ୧୩ଟି ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୩୭ଟି ସାମୂହିକ ଅଭିଯୋଗ ରହିଥିଲା। ରାସ୍ତା ଓ ପାନୀୟ ଜଳ ଭଳି ବିଭିନ୍ନ ସମସ୍ୟାମୂଳକ ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ସେଗୁଡିକର ସମାଧାନ ଲାଗି ପଦକ୍ଷେପ ନେବାକୁ ଜିଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତିଙ୍କ ନେତୃତ୍ୱରେ ଏଏସ୍‌ଆଇ ଦୀପିକା ହୀରା ଏବଂ ପୋଲିସ ମୁତୟନ କରାଯାଇଥିଲା।



ଦଶମନ୍ତପୁରରେ ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ଜୟପୁର ବ୍ଲକର ଗଡ଼ପଦରଠାରେ ମଧ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, କନିଷ୍ଠ ଯନ୍ତ୍ରୀ , ପିଇଓ, ଜିଆର୍‌ଏସ୍ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍ ହର୍ଟିକଲଚର, କୃଷି ବିଭାଗ ଅଧିକାରୀମାନେ ଯୋଗଦେଇ ଶିବିରକୁ ଆସିଥିବା ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ।

# ୩୩୦ ଭିନ୍ନକ୍ଷମଙ୍କୁ ମିଳିଲା ସହାୟତା



ଜଣେ ଭିନ୍ନକ୍ଷମଙ୍କୁ ମିଳିଥିବା ଟ୍ରାଇ ସାଇକେଲ ।

**ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ନନ୍ଦପୁର,୬।୩(ଡି.ଏନ.ଏ.)

ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଆୟୋଜିତ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରର ଦ୍ୱିତୀୟ ପର୍ଯ୍ୟାୟର ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁଜିତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହା ପୂର୍ବରୁ ହୋଇଥିବା ଶିବିରରେ ଚିହ୍ନଟ ଭିନ୍ନକ୍ଷମ ମହିଳା ପୁରୁଷ ଓ ଛୋଟ ଝିଅପୁଅଙ୍କୁ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ପଟାଙ୍ଗି ବିଧାୟକ ପିତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ରାଜ୍ୟ ମୁକ୍ତା ଯୋଜନାର ପର୍ଯ୍ୟବେକ୍ଷକ ମୀରା ପରିଡ଼ା, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ ଅତିଥି ଭାବେ ଯୋଗଦେଇ ବ୍ଲକର ୨୩ ପଞ୍ଚାୟତର ୩୩୦ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ଓ ସହାୟତା ଉପକରଣ ପ୍ରଦାନ କରିଥିଲେ। ଶିବିରରେ ୧୪୦ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ୧୩୧ ଜଣଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା, ୫୯ ଜଣଙ୍କୁ ଶ୍ରବଣ ଯନ୍ତ୍ର, ହ୍ୱିଲ ଚେୟାର, ସିପି କମୋଡ, ଆଶାବାଡ଼ି, ଚାଲିବାରେ ସହାୟକ ଯନ୍ତ୍ର, ଟ୍ରାଇ ସାଇକେଲ, କହୁଣି ସହାୟକ ବାଡ଼ି ଆଦି ପ୍ରଦାନ କରାଯାଇଥିଲା। ସମସ୍ତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିବା ଭିନ୍ନକ୍ଷମଙ୍କ ପାଇଁ ଆଗାମୀ ଦିନରେ ଭତ୍ତା ପ୍ରଦାନର ବ୍ୟବସ୍ଥା କରାଯିବ ବୋଲି ବିଡିଓ ମିଶ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିପିଓ ବେଦାନ୍ତ ମାଝି, ୨୩ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅର୍ଜୁନ ମାଝି ଓ ବିପିଏମ୍ ବିଚିତ୍ର ରାଉତ ଶିବିର ପରିଚାଳନା କରିଥିଲେ।

### ଲେଖନୀ ଶୈଳୀ କର୍ମଶାଳା

ସୁନାବେଡ଼ା,୬।୩(ସ୍ୱ.ପ୍ର.)

କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗଣମାଧ୍ୟମ ଓ ଗଣ ଯୋଗାଯୋଗ ବିଭାଗ ଅଧ୍ୟାପନା ଗୃହରେ ଲେଖନୀ ଶୈଳୀ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ତଥା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆଦିବାସୀ ଅଧ୍ୟୟନ ପାଇଁ ରାଜୀବ ଗାନ୍ଧୀ ଚେୟାର ପ୍ରଫେସର ଭାବରେ କାର୍ଯ୍ୟ କରୁଥିବା ପ୍ରଫେସର ପି.ସି. ପଟ୍ଟନାୟକ ଯୋଗଦେଇଥିଲେ। କର୍ମଶାଳାରେ ଦେଶ ଗଠନରେ ଭାଷାର ଆବଶ୍ୟକତା ଏବଂ ସମାଜର ସମସ୍ତଙ୍କ କ୍ଷେତ୍ରରେ ଏହାର କିଭଳି ଆବଶ୍ୟକତା ରହିଛି ସେ ସମ୍ପର୍କରେ ପ୍ରଫେସର ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ




ବୁଝାଇଲେ। ଭାଷାକୁ ନେଇ କମ ଚିନ୍ତା କର, ଅଧିକରୁ ଅଧିକ ବିଶ୍ଳେଷଣ କରି ବହୁଳ ମାତ୍ରାରେ ପ୍ରୟୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଭାଗୀୟ ଅଧ୍ୟକ୍ଷ ଡ.ସୌରଭ ଗୁପ୍ତା ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ଡ. ପ୍ରଦୋଷ ରଥ, ଟେଲାରାମ ମେହେର ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ରଥ ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଜମି ଚିହ୍ନଟ ନେଇ ତହସିଲଦାରଙ୍କ ସହ ଖବରଦାତାଙ୍କ ଆଲୋଚନା

ମାଥିଲି,୬।୩(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରରେ ସାମ୍ବାଦିକ ସଂଘର ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ କରିବାକୁ ସୋମବାର ତହସିଲଦାରଙ୍କ ସହ ଖବରଦାତାମାନେ ଆଲୋଚନା କରିଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ସାମିଲ ହୋଇ ତହସିଲଦାର ଚନ୍ଦନ କୁମାର ଭୋଇଙ୍କୁ ସଂଘର ନୂତନ କାର୍ଯ୍ୟାଳୟ ନିର୍ମାଣ ଲାଗି ଜାଗା ଚିହ୍ନଟ କରିବାକୁ ପ୍ରସ୍ତାବ ଦେଇଥିଲେ। ଏନେଇ ତୁରନ୍ତ ଜାଗା ଚିହ୍ନଟକରି ସଂଘ ଗୃହ ନିର୍ମାଣ ପାଇଁ ଯୋଗାଇଦେବେ ବୋଲି ତହସିଲଦାର ଭୋଇ ପ୍ରତିଶ୍ରୁତି ଦେଇଥିଲେ। ସଂଘ ସମ୍ପାଦକ ମହେନ୍ଦ୍ର ପାଣିଗ୍ରାହୀ, ଦୀନବନ୍ଧୁ ନାୟକ, ଉପସଭାପତିଜଗନ୍ନାଥ ଦଳେଇ, କୋଷାଧକ୍ଷ ଶରତ ଚନ୍ଦ୍ର ମହାରଣା, ରାଜୀବ ବେହେରା, ସୁବାସ ଚନ୍ଦ୍ର ଖୁଜୁପିଆ, ସୁନୀଲ ଭୂମିଆ, ସତ୍ୟପ୍ରକାଶ ସାମଲ ଉପସ୍ଥିତ ଥିଲେ।

# ବଦଳିବ ଜୟପୁର ରେଳ ଷ୍ଟେଶନର ରୂପରେଖ: ଡିଆର୍‌ଏମ୍

ଜୟପୁର,୬।୩(ନି.ପ୍ର.)

ୱାଲ୍‌ଟିୟର ଡିଭିଜନର ଡିଆର୍‌ଏମ୍ ଅନୁପ ଶତପଥୀ ସୋମବାର ଜୟପୁର ରେଳ ଷ୍ଟେଶନକୁ ଗସ୍ତକରି କାର୍ଯ୍ୟ ସମୀକ୍ଷା କରିଛନ୍ତି। କେନ୍ଦ୍ର ସରକାରଙ୍କ ଅମୃତ ଭାରତ ଯୋଜନାରେ ୧୬ଟି ଷ୍ଟେଶନର ନବୀକରଣ ହେବ। ସେଥିରେ ଜୟପୁର ଷ୍ଟେଶନ ସ୍ଥାନ ପାଇଥିବା ସେ କହିଥିଲେ। ଡିଆର୍‌ଏମ୍ ଶତପଥୀଙ୍କ ସହ ବୈଷୟିକ ଟିମ୍ ରେଳ ଷ୍ଟେଶନର ସବୁ ସ୍ଥାନ ବୁଲି ଅନୁଧ୍ୟାନ କରିଥିଲେ। ଦୀର୍ଘଦିନ ଧରି ବିଶାଖାପାଟଣା ଡିଭିଜନର କୋରାପୁଟ ଜୟପୁର ଡବଲ ଲାଇନ କାର୍ଯ୍ୟ ନିର୍ମାଣାଧୀନ ରହିଛି। ଏ ସମ୍ପର୍କରେ ଡିଆର୍‌ଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଶାଖାପାଟଣାଠାରୁ କୋରାପୁଟ ମଧ୍ୟରେ ଅନେକ ପାହାଡ଼ ଓ ଜଙ୍ଗଲ ରହିଛି। ଏଥିପାଇଁ ଅନେକ ସୁଡ଼ଙ୍ଗ ଓ ଟନେଲ ନିର୍ମାଣ କରିବାକୁ ପଡୁଥିବାରୁ କାର୍ଯ୍ୟରେ ବିଳମ୍ବ ହେଉଛି ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ଜାତୀୟ ରାଜପଥଠାରୁ ରେଳ ଷ୍ଟେଶନ ଯାଏ ୪ ଶହ ମିଟରର ରାସ୍ତା ନିର୍ମାଣ ପାଇଁ ଏକ ନକ୍ସା ପ୍ରସ୍ତୁତ କରି ଜନ କଲ୍ୟାଣ ମଞ୍ଚ ପକ୍ଷରୁ କର୍ମକର୍ତ୍ତାମାନେ ଡିଆର୍‌ଏମ୍‌ଙ୍କୁ ଦେଇଛନ୍ତି। ହୀରାଖଣ୍ଡ ଟ୍ରେନ୍‌ରେ ୨ଟି ଅତିରିକ୍ତ ବଗି ଓ ଜୟପୁର-ପୁରୀ ଟ୍ରେନ୍ ଚଳାଚଳ ସହ କେତେ ନୂତନ ଟ୍ରେନ୍ ଚଳାଚଳ ଲାଗି ଡିଆର୍‌ଏମ୍‌ଙ୍କ ନିକଟରେ ଦାବି କରାଯାଇଛି। ଆବଶ୍ୟକ ରହିଥିବା ସମସ୍ତ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଦାବିକୁ ସେ କେନ୍ଦ୍ର ସରକାରଙ୍କ ନିକଟରେ ପହଞ୍ଚାଇବେ। ଖୁବ୍‌ଶୀଘ୍ର ଜୟପୁର ରେଳ ଷ୍ଟେଶନର କୋଠା, ପାର୍କିଂ, ଲିଫ୍ଟ, ଭିନ୍ନକ୍ଷମଙ୍କ ପାଇଁ ସୁବିଧା, ଯାତ୍ରୀଙ୍କ ପାଇଁ ପାନୀୟ ଜଳ ସୁବିଧା ନେଇ ଟେଣ୍ଡର ଆହ୍ୱାନ କରାଯାଇ ବର୍ଷକ ମଧ୍ୟରେ କାର୍ଯ୍ୟ ଶେଷ ହେବ ବୋଲି ଡିଆର୍‌ଏମ୍ ଶତପଥୀ କହିଥିଲେ। ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ଜୟପୁର ରେଳ ଷ୍ଟେଶନର ଉନ୍ନତୀକରଣ ସହ ନୂତନ ଟ୍ରେନ୍ ଚଳାଚଳ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇ ଆସୁଥିଲା।



ଡିଆର୍‌ଏମ୍ ଜୟପୁର ରେଳଷ୍ଟେଶନ ବୁଲି କାର୍ଯ୍ୟତଦାରଖ କରୁଛନ୍ତି ।

**ଖୁବ୍‌ଶୀଘ୍ର କାମ ଆରମ୍ଭ ହୋଇ ବର୍ଷକ ମଧ୍ୟରେ ସରିବ**

# ପଦଯାତ୍ରା କରି ଯୋଗ, ପରିବେଶ ସମ୍ପର୍କିତ ବାର୍ତ୍ତା ବାଣ୍ଟୁଛନ୍ତି କ୍ରିଷ୍ଣା

କୋରାପୁଟ,୫।୩(ସ୍ୱ.ପ୍ର.)

କର୍ଣ୍ଣାଟକ ରାଜ୍ୟ ମହୀଶୂରର କ୍ରିଷ୍ଣା ନାୟକ ପଦଯାତ୍ରାରେ ଆସି କୋରାପୁଟରେ ପହଞ୍ଚି ଥିଲେ। ଭାରତର ଯୁବକ ଓ ଛାତ୍ରୀଛାତ୍ରମାନଙ୍କୁ ଯୋଗ ଓ ପରିବେଶ ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିବାକୁ କ୍ରିଷ୍ଣାଙ୍କ ଏ ପ୍ରୟାସ। ଜଣେ ଭାରତୀୟ ଭାବେ କିଛି ଭଲ କାମ କରିବା ମୋର କର୍ତ୍ତବ୍ୟ ବୋଲି ଏହି ଅବସରରେ ସେ କୋରାପୁଟରେ ଖବରଦାତାଙ୍କୁ କହିଛନ୍ତି। ୭ମାସ ତଳୁ ସେ ପଦଯାତ୍ରା ଆରମ୍ଭ କରି ଇତି ମଧ୍ୟରେ ଓଡ଼ିଶା ସମେତ ୭ଟି ରାଜ୍ୟ ଅତିକ୍ରମ କରିସାରଲେଣି।



# ପର୍ଯ୍ୟଟନ କ୍ଷେତ୍ର ବଦଳରେ ବକସାଇଟ ଖଣି ନେଇ ମସୁଧା

ସୁନାବେଡା/ସେମିଳିଗୁଡା/ନନ୍ଦପୁର ୬।୩(ସ୍ୱ.ପ୍ର./ଡି.ଏନ.ଏ.)

ପର୍ଯ୍ୟଟନ ସ୍ଥଳ ବଦଳରେ ଖଣି ହେବାକୁ ବସିଲାଣି ନାଗେଶ୍ୱରୀ ଗୁମ୍ଫା। ଏନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ୨୦୦୮ରେ ମାଳିଡଙ୍ଗର ପାହାଡ ଶିଖରରୁ ମୁଖ୍ୟମନ୍ତ୍ରୀ ପାହାଡ ଓ ଗୁମ୍ଫାକୁ ଜୈବିକ ପର୍ଯ୍ୟଟନ ସ୍ଥଳୀ ରୂପେ ଗଢ଼ିବାକୁ ଘୋଷଣା କରିଥିଲେ। ଏଥିପାଇଁ ଗୁମ୍ଫା, ପାହାଡର ବିକାଶ, ରାସ୍ତାଘାଟ ତଥା ପାହାଡ଼ ଶୀର୍ଷରେ ପୋଖରୀ ନିର୍ମାଣ ପାଇଁ ଅର୍ଥ ଖର୍ଚ୍ଚ ହୋଇଥିଲା।ଏବେ ରାଜ୍ୟ ଖଣି ବିଭାଗ ଦ୍ୱାରା ହୋଇଥିବା ଖଣି ବ୍ଲକ ନିଲାମିରେ କୋରାପୁଟ ଜିଲା ନନ୍ଦପୁର ବ୍ଲକର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ନାଗେଶ୍ୱରୀ ଗୁମ୍ଫା ଓ ବାଲଡ଼ା ମାଳିଡଙ୍ଗର ପାହାଡ ତଥା ବକ୍ସାଇଟ ବ୍ଲକକୁ ଆଦାନୀ ଗ୍ରୁପର ମୁଣ୍ଡୁରା ଆଲୁମିନିୟମ ଲିମିଟେଡ (ଏମ୍‌ଏଏଲ) କମ୍ପାନୀକୁ ଏଲଓଆଇ ମିଳିଥିବା ଜଣାପଡ଼ିଛି। ଯାହାକୁ ନେଇ ନନ୍ଦପୁର ସମେତ ନାଗେଶ୍ୱରୀ ଗୁମ୍ଫା ଓ ପାହାଡ ଚତୁର୍ପାଶ୍ୱ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରକଳ୍ପକୁ ମଧ ଜିଲା ପ୍ରଶାସନ ମଞ୍ଜୁରି ଦେଇଥିଲେ। ସବୁ ପଞ୍ଚାୟତରେ ବିଗତ ଦିନରେ ଗ୍ରାମସଭା କରି ଜଲାପାଳଙ୍କ ଜରିଆରେ ରାଜ୍ୟ ସରକାର ଓ ଖଣି ବିଭାଗକୁ ଖଣି ଖାଦାନ ବଦଳରେ ପର୍ଯ୍ୟଟନ ସ୍ଥଳୀ ରୂପେ ଗଢ଼ିବାକୁ ଅବଗତ କରାଯାଇଥିଲା। ଏହା ସତ୍ତ୍ୱେ କିପରି ଏଠାରେ ଖଣି ଖୋଲିବାକୁ ସରକାର ମସୁଧା କରୁଛନ୍ତି ବୋଲି ପଞ୍ଚାୟତବାସୀ ପ୍ରଶ୍ନ ଉଠାଇଛନ୍ତି। ଏହି ଖବର ଜଣାପଡିବା ପରେ ୫ ପଞ୍ଚାୟତବାସୀ, ଜିଲାରେ ବିଭିନ୍ନ ପାହାଡ, ଖଣି ସୁରକ୍ଷାରେ ନିୟୋଜିତ ନେତୃବୃନ୍ଦଙ୍କ ସମେତ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଜିଲା ଖଣି ବିଭାଗ ଉପ ନିର୍ଦ୍ଦେଶକ ପିକେ ନାୟକଙ୍କୁ ପଚାରିବାରୁ ସେ କହିଲେ, ଏମ୍‌ଏଏଲ୍ ଗତ ନିଲାମି ପ୍ରକ୍ରିୟାରେ ସିଙ୍ଗଲ ବିଡର ଭାବେ ଭାଗ ନେଇ ଏଲ୍‌ଓଆଇ ପାଇଛି। ଆଗକୁ ଜଙ୍ଗଲ ଓ ପରିବେଶ ମଞ୍ଜୁରି ନେଇ ଜନଶୁଣାଣି ହେବ। ସବୁଠି କମ୍ପାନୀକୁ ମଞ୍ଜୁରି ମିଳିଲେ ବକ୍ସାଇଟ ବ୍ଲକ ହତେଇବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହା କେବେ ଆମେ କରେଇ ଦେବୁନାହିଁ ବୋଲି ମା' ନାଗେଶ୍ୱରୀ ସୁରକ୍ଷା ସମିତି ସଭାପତି ଲବ ଖରା ଓ ଉପସଭାପତି କାର୍ତ୍ତିକ ଖେମୁଣ୍ଡୁ କହିଛନ୍ତି।

# ରାଜ୍ୟ ସ୍ତରରେ ପୁରସ୍କୃତ ହେଲେ ୩ ପଞ୍ଚାୟତ

ମାଲକାନଗିରି, ୬।୩(ଡି.ଏନ.ଏ.)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଦେଶରେ ଜଣେ ସର୍ବମାନ୍ୟ ନେତା ଥିଲେ। ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ସେ ଅନେକ ପଦକ୍ଷେପ ନେଇଥିଲେ। ତାଙ୍କ ସମୟରେ ମହିଳାମାନଙ୍କ ପାଇଁ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଥିଲା। ଏହି ହେତୁ ତାଙ୍କ ଜନ୍ମଦିବସକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଉଛି ବୋଲି ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝୀ କହିଛନ୍ତି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳନ ଅବସରରେ ସେ ଏହା ପ୍ରକାଶ କରିଛନ୍ତି। ଜିଲା ପରିଷଦର ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ ଯୋଗ ଦେଇ କିଭଳି ପ୍ରତି ଗ୍ରାମ ପଞ୍ଚାୟତକୁ ଉନ୍ନତିର ଶୀର୍ଷ ସୀମାରେ ପହଞ୍ଚାଇ ପାରିବା ସେଥିପ୍ରତି ସମସ୍ତେ ଦାୟିତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଶେଷ ଅବଦାନ ଲାଗି ମାଲକାନଗିରିର ତଣ୍ଡାପାଲି, ପେଡାକୋଣ୍ଡା ଓ ମାଥିଲି ପଞ୍ଚାୟତ ପୁରସ୍କୃତ ହୋଇଛନ୍ତି। ଜିଲାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ସ୍ତରରେ ମାଲକାନାଗିରି ବ୍ଲକର ଚାଲାଣଗୁଡା, ଚିତ୍ରକୋଣ୍ଡା ବ୍ଲକର ଦୋରାଗୁଡା ଓ ପଡିଆ ବ୍ଲକର ନିଳିଗୁଡ଼ା ପଞ୍ଚାୟତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପାଇଛନ୍ତି। ସେହିପରି ୨୦୨୧-୨୨ ମୂଲ୍ୟାଙ୍କନ ଭିତ୍ତିରେ ଜିଲାର ୯ ପଞ୍ଚାୟତ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟ ଲାଗି ବିଜୁ ପଟ୍ଟନାୟକ ସଶକ୍ତୀକରଣ ପୁରସ୍କାର ପାଇଛନ୍ତି। ଏହି ପଞ୍ଚାୟତଗୁଡିକୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ପଞ୍ଚାୟତଗୁଡିକ ମଧ୍ୟରେ ଚିତ୍ରକୋଣ୍ଡା, ଉଦୁଲିବେଡା,ବଡପଡ଼ା, ଗାଦଲମାଗୁଡ଼ି, ଡୁଡାମେଟା, ଧୁଙ୍ଗିଆପୁଟ, ପେଡାକୋଣ୍ଡା, ନିଳିଗୁଡା ଆଦି ପଞ୍ଚାୟତ କରିଛି। କାର୍ଯ୍ୟକ୍ରମକୁ ଏପିଡି ମାନସ ମିଶ୍ର ପରିଚାଳନା କରିଥିଲେ। ଜିଲା ପଞ୍ଚାୟତ ଅଧିକାରୀ ରତିକାନ୍ତ ଦାସ ସ୍ୱାଗତ ସୂଚନା ଦେଇଥିଲେ। ଅପର୍ଣ୍ଣା ମଣ୍ଡଳ,ସରପଞ୍ଚ, ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କୃତ୍ରିମ ଗୋଡ଼ ପାଇଁ ଠକୁଛି କମ୍ପାନୀ

ଏମ୍‌ଭି ୭୯,୬।୩(ଡି.ଏନ୍.ଏ.)

- ପଥର ଖାଦାନରେ କାମ କରୁଥିବା ବେଳେ ଦୁର୍ଘଟଣା ହୋଇଥିଲା
- ଆଇନ ଜାଲରୁ ମୁକୁଳିବା ପାଇଁ ଦେଇଥିଲେ ବହୁ ପ୍ରତିଶ୍ରୁତି
- ସରକାର ସହାୟତା କଲେ ଚାଲିପାରିବେ ରାଜୀବ

ନାବାଳକ ରାଜୀବ ବାଛାଡ଼ ଘରର ଦୁଃଖ କଷ୍ଟ ଦୂର କରିବାକୁ କମ୍ ବୟସରେ ପଥର ଖାଦାନରେ କାମ କରୁଥିଲେ। ମାତ୍ର ସାମାନ୍ୟ ଭୁଲ୍ ଯୋଗୁ ନିଜ ଗୋଡ଼ ହରାଇଲେ। ୧୮ ବର୍ଷ ନ ପୂରୁଣୁ ନାବାଳକଙ୍କୁ କାମରେ ଲଗାଉଥିବା ଗ୍ରାନାଇଟ୍ସ କମ୍ପାନୀ ଏହି ଦୁର୍ଘଟଣାକୁ ଲୋକଲୋଚନକୁ ନ ଆଣିବା ଏବଂ ପ୍ରଶାସନିକ ଅଡୁଆ ଏଡ଼ାଇବା ଲାଗି ପରିବାର ଲୋକଙ୍କୁ ବହୁ ପ୍ରତିଶ୍ରୁତି ଦେଇଥିଲା। ସମୟକ୍ରମେ ଏବେ ପ୍ରତିଶ୍ରୁତି ଭୁଲିଯାଇଛନ୍ତି କମ୍ପାନୀ କର୍ତ୍ତୃପକ୍ଷ। ଏପରି ପ୍ରତିଶ୍ରୁତିରୁ ପ୍ରତାରଣାର ଶିକାର ହୋଇଛନ୍ତି ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୯ ଗ୍ରାମର ବାବୁରାମ ବାଛାଡ଼ ଓ ଅନିମା ବାଛାଡ଼ଙ୍କ ପୁଅ ରାଜୀବ। ତାଙ୍କୁ ସହାୟତା ଯୋଗାଇଦେବାକୁ ସରକାରଙ୍କୁ ନିବେଦନ କରିଛନ୍ତି ପରିବାର ଲୋକେ।



ମାଆଙ୍କ ସହ ରାଜୀବ।

୨୦୨୧ରେ ସାବେରୀ ସରକାରୀ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିଥିବା ରାଜୀବଙ୍କୁ ପରିବାରର ଦୁର୍ଦ୍ଦଶା ପଥର ଖାଦାନକୁ ନେଇଯାଇଥିଲା। ଯେଉଁ ବୟସରେ ସେ କଲେଜରେ ପାଠପଢ଼ି ଭଲ ମଣିଷ ହେବାକୁ ସ୍ୱପ୍ନ ଦେଖୁଥିଲେ ସେ ବୟସରେ ହାତରେ ଧରିଲେ ପଥରଫଟା ଉପକରଣ। ତେବେ ଗତ ନଭେମ୍ବର ୨୦ ତାରିଖ ତାଙ୍କ ପାଇଁ ଆଣିଥିଲା ଦୁଃଖ। ପଥର ଖାଦାନରେ ଏକ ଦୁର୍ଘଟଣାର ଶିକାର ହେଲେ ରାଜୀବ ଆଉ ହରାଇ ବସିଲେ ଗୋଡ଼। ଦୁର୍ଘଟଣା ପରେ ବିବ୍ରତ ହୋଇ ପଡ଼ିଥିଲେ କମ୍ପାନୀ କର୍ତ୍ତୃପକ୍ଷ। ନାବାଳକ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଉଥିବା ନେଇ ନିୟମକାନୁନର ଜାଲରୁ ମୁକୁଳିବା ଲାଗି ସେ ରାଜୀବଙ୍କ ପରିବାର ନିକଟରେ ପହଞ୍ଚି ଦେଇଥିଲେ ବହୁ ପ୍ରତିଶ୍ରୁତି। ପରିବାରକୁ କ୍ଷତିପୂରଣ ବାବଦରେ ଅର୍ଥ ଦେବେ, କମ୍ପାନୀ ଥିବା ଯାଏ ରାଜୀବ ଦରମା ପାଇବେ ଏବଂ ତାଙ୍କର କୃତ୍ରିମ ଗୋଡ଼ ଲଗାଇ ଦେବେ ଏପରି ଅନେକ ପ୍ରତିଶ୍ରୁତିରେ ରାଜୀବ ଏବଂ ତାଙ୍କ ପରିବାର ଲୋକଙ୍କୁ ନୀରବ କରାଇବାରେ ସଫଳ ହୋଇଥିଲେ। ଏବେ ପଥର କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ପୂରଣ କରିବା ବଦଳରେ ରାଜୀବଙ୍କ ସହ କରିଛନ୍ତି ଚଞ୍ଚକତା। ପ୍ରଥମେ ୫ ମାସର ଦରମା ଦେବା ପରେ ଆଉ ଦେଉନାହିଁ ସମ୍ପୃକ୍ତ ଗ୍ରାନାଇଟ୍ସ କମ୍ପାନୀ। ଏପରି ସ୍ଥିତିରେ ଭାଗ୍ୟକୁ ଆଦରି ଘରେ ପଡ଼ି ରହିଛନ୍ତି ରାଜୀବ। ସରକାର ଯଦି ସହାୟତା ଯୋଗାଇ ଦିଅନ୍ତେ ତେବେ ପୁଅର ଚିକିତ୍ସା କରି ଭଲ କରିପାରନ୍ତୁ ବୋଲି କହିଛନ୍ତି ମାଆବାପା।

## ଯୁବମୋର୍ଚ୍ଚା କର୍ମୀ ଗିରଫ ଘଟଣା

# ବଢୁଛି ବିଜେଡି-ଭାଜପା ବାକ୍‌ଯୁଦ୍ଧ

■ ଛାତ୍ରନେତାଙ୍କୁ ଏକପାଖିଆ ଗିରଫକଲେ ଜେଲ ଅଭାବ ପଡ଼ିଯିବ: ଧର୍ମେନ୍ଦ୍ର

■ ଭାଇ ଆପରାଧିକ ତତ୍ତ୍ୱକୁ ନିୟନ୍ତ୍ରଣ କରନ୍ତୁ: ପ୍ରଣବ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ପୁଣି ଭାଜପା ଏବଂ ବିଜେଡିର ଶୀର୍ଷନେତାଙ୍କ ମଧ୍ୟରେ ଦୋଷ ଦିଆନିଆ ଆରମ୍ଭ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଏକ କାର୍ଯ୍ୟକ୍ରମ କରି ଯୁବମୋର୍ଚ୍ଚା ନେତା ଓ କର୍ମୀଙ୍କୁ ଗିରଫ କରିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଟୁଇଟ୍ କରି ଭାଜପାକୁ ପାଲଟା ଦୋଷ ଦେଇଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଶାସନରେ ଭାଜପା ଯୁବମୋର୍ଚ୍ଚାର ଆନ୍ଦୋଳନକାରୀ ଏବଂ ରାଷ୍ଟ୍ରୀୟ ବିଚାରଧାରା ବିରୋଧୀ ମନ୍ତବ୍ୟକୁ ପ୍ରତିବାଦ କରୁଥିବା ଛାତ୍ରନେତାଙ୍କୁ ଏକପାଖିଆ ଭାବେ ଜେଲରେ ପୂରାଯାଇଛି। ହେଲେ ଏପରି କଲେ ଆଗକୁ ରାଜ୍ୟରେ ଜେଲର ଅଭାବ ପଡ଼ିଯିବ। ଓଡ଼ିଶାର ଶାସନ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱର ୨୩ ବର୍ଷ ପୂର୍ତ୍ତି ହୋଇଛି। ଏତେ ଲମ୍ବା ସମୟ ଶାସନ ବ୍ୟବସ୍ଥାରେ ରହିବା ପରେ ମଧ୍ୟ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି। ରାଜନୀତିରେ ହିଂସାର ସ୍ଥାନ ନାହିଁ। ଭାଜପା ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ଆନ୍ଦୋଳନ କରୁଥିବା ବେଳେ ଗଣମାଧ୍ୟମରେ ଭିନ୍ନ ଭିନ୍ନ ଚିତ୍ର ପ୍ରକାଶ ପାଇଛି। ଏହା ସାଦା ପୋଷାକଧାରୀ କର୍ମୀ ଓ ପୋଲିସ ଅଧିକାରୀଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ଆନ୍ଦୋଳନ କଲେ ସେମାନଙ୍କୁ ଏକପାଖିଆ ଭାବେ ୩୦୭ ଧାରା ଲଗାଯାଇ ଜେଲକୁ ପଠାଯାଉଛି। କିଛିଦିନ ପୂର୍ବେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦେଶର ସମ୍ବିଧାନକୁ ନେଇ ପ୍ରଶ୍ନ ଉଠାଉଥିବା ଲୋକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ଯୋଗୁ ଏବିଭିପି କାର୍ଯ୍ୟକର୍ତ୍ତାଙ୍କୁ ଜେଲରେ ରଖାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଶାସନରେ ରାଷ୍ଟ୍ରବାଦୀ ବିଚାରଧାରାକୁ ଅଣଦେଖା ସହ ଧାରା ୩୦୭ ମାଧ୍ୟମରେ ନାଲିଆଖି ଦେଖାଯାଉଛି। ଏହି ଆଭିମୁଖ୍ୟ ରହିଲେ ରାଜ୍ୟରେ ଜେଲ ଅଭାବ ପଡ଼ିବ। ଏଭଳି ରାଜନୈତିକ ଆନ୍ଦୋଳନକୁ ଘର ଘରକୁ ନିଆଯିବ। ୨୩ ବର୍ଷ ଶାସନରେ ରହି ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣର ଡିଣ୍ଡିମ ପିଟୁଥିବା ବେଳେ ରାଜ୍ୟରେ ଏହାର ବିପରୀତ ସ୍ଥିତି ପରିଲକ୍ଷିତ ହୋଇଛି। ରାଜ୍ୟରେ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ଆନ୍ଦୋଳନ କରୁଛନ୍ତି। ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ଏହି ସମୟରେ ଆଜି ଜନ୍ମ ନେଉଥିବା ପିଲାମାନେ ସେହି ସମୟରେ ଓଡ଼ିଶାର ଭାଗ୍ୟ ନିର୍ଦ୍ଧାରଣ କରିବେ। ମାତ୍ର ଓଡ଼ିଶାର ୧୯% ନବଜାତ ଶିଶୁଙ୍କ ଓଜନ କମ୍ ରହୁଥିବା ବେଳେ ୩୧% ଶିଶୁଙ୍କ ବୟସାନୁସାରେ ଉଚ୍ଚତା ଓ ୧୮% ଶିଶୁଙ୍କ ଉଚ୍ଚତାନୁସାରେ ଓଜନ କମ୍ ରହିଛି। ରାଜ୍ୟର ୬୪% ଶିଶୁ ଓ ୬୧.୮ ପ୍ରତିଶତ ଗର୍ଭବତୀ ରକ୍ତହୀନତାରେ ପୀଡ଼ିତ ଥିବା ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ରଙ୍କ ପ୍ରତିକ୍ରିୟାର ଜବାବ ରଖି ପ୍ରଣବ କହିଛନ୍ତି, ଭାଇ ଆପଣଙ୍କ ଦଳର ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଜଣେ ହତ୍ୟା ଅଭିଯୁକ୍ତ। କିଛିଦିନ ତଳେ ସେ ଜାମିନରେ ଆସିଛନ୍ତି। ନିକଟରେ ରାଜଧାନୀରେ ବିକ୍ଷୋଭ ନାଁରେ ତାଙ୍କ ନେତୃତ୍ୱରେ ପୋଲିସ ଉପରେ ମରଣାନ୍ତକ ଆକ୍ରମଣ କରାଗଲା। ଏଭଳି ନେତାଙ୍କୁ ସମର୍ଥନକରି ଆପଣ ଓଡ଼ିଶାର ଯୁବକମାନଙ୍କୁ କି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ବୋଲି ପ୍ରଣବ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଆପଣ ଯାହାଙ୍କୁ ବିରୋଧୀ ଦଳର ନେତା କରିଛନ୍ତି ସେ ମଧ୍ୟ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ଜଘନ୍ୟ ହତ୍ୟା ମାମଲାରେ ସମ୍ପୃକ୍ତ। ସ୍ୱାସ୍ଥ୍ୟ ଆଳରେ ଜାମିନରେ ଆସିଲା ପରେ ମଧ୍ୟ ସେ ଅପରାଧ ଘଟାଇ ଚାଲିଛନ୍ତି। ଓଡ଼ିଶା ରାଜନୀତି ପାଇଁ ଏହା ଶୁଭଙ୍କର ନୁହେଁ। ରାଜ୍ୟବାସୀ ଏସବୁ ଦେଖୁଛନ୍ତି। ସେଥିପାଇଁ ଗତ ପଞ୍ଚାୟତ ନିର୍ବାଚନରେ ୩୦ରୁ ୩୦ ଜିଲା ପରିଷଦରେ ଭୋଟର ଭାଜପାକୁ ପ୍ରତ୍ୟାଖ୍ୟାନ କଲେ। ଆଶା କରାଯାଉଥିଲା ଦଳର ଛବି ଖରାପ କରିଥିବାରୁ ଏହି ଦୁଇ ନେତାଙ୍କ ବିରୋଧରେ ଆପଣ କିଛି କାର୍ଯ୍ୟାନୁଷ୍ଠାନ ନେବେ, ମାତ୍ର ଓଲଟା ଦେଖିବାକୁ ମିଳିଲା। ଆପଣ ଓଡ଼ିଶାରେ ପହଞ୍ଚି ଏଭଳି ହିଂସା ପାଇଁ ସେମାନଙ୍କୁ ଉତ୍ସାହିତ କଲା ପରି କଥା କହୁଛନ୍ତି। ଆପଣଙ୍କୁ ଅନୁରୋଧ, ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ, ଏଭଳି ଆପରାଧିକ ତତ୍ତ୍ୱକୁ ଆପଣ ନିୟନ୍ତ୍ରଣ କରନ୍ତୁ। ନ ହେଲେ ଭବିଷ୍ୟତରେ ଏହି ୨ ନେତା ଆପଣ ଏବଂ ଆପଣଙ୍କ ଦଳକୁ ଆହୁରି ଅଧିକ ବଦନାମ କରିବେ ବୋଲି ପ୍ରଣବ କହିଛନ୍ତି।

## ଭାଜପା ବିଚାରଧାରାର କେନ୍ଦ୍ର ହେଉଛି ଭୀରୁତା: ରାହୁଲ

ଲଣ୍ଡନ, ୬।୩

ବ୍ରିଟେନ୍ ଗସ୍ତରେ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣି ଭାଜପା ଉପରେ ଜୋର୍‌ଦାର ବର୍ଷିଛନ୍ତି। ଘୃଣା ଓ ହିଂସା ଶାସକ ଦଳର ବିଚାରଧାରା ଏବଂ ଏହାର କେନ୍ଦ୍ର ଭୀରୁତା ବୋଲି କଂଗ୍ରେସ ନେତା ବ୍ରିଟେନରେ ପ୍ରବାସୀ ଭାରତୀୟମାନଙ୍କ ସହ କଥା ହେଲାବେଳେ କହିଛନ୍ତି। ଇଣ୍ଡିଆନ ଓଭରସିଜ୍ କଂଗ୍ରେସ (ଆଇଓସି) ବ୍ରିଟେନ୍ ଚାପ୍ଟର ପକ୍ଷରୁ ଏହି ଆଲୋଚନାର ଆୟୋଜନ କରାଯାଇଥିଲା। ରାହୁଲ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ଚାଇନା ସମ୍ପର୍କିତ ମନ୍ତବ୍ୟକୁ ସମାଲୋଚନା କରିଥିଲେ। ଚାଇନା ଆମଠୁ ଅଧିକ ଶକ୍ତିଶାଳୀ ହୋଇଥିବାରୁ ସେମାନଙ୍କ ସହ କିପରି ଯୁଦ୍ଧ କରିବା ନିଷ୍ପତ୍ତି ନେବୁ ବୋଲି ଜୟଶଙ୍କର ଏକ ସାକ୍ଷାତ୍‌କାରରେ କହିଥିବାରୁ ଭୀରୁତା ଭାଜପାର ଅନ୍ତରରେ ରହିଥିବା ସ୍ପଷ୍ଟ ହୋଇଛି ବୋଲି ରାହୁଲ କହିଛନ୍ତି।

## ବିଜୁ ଜୟନ୍ତୀରେ ଅତିଥିଙ୍କ ଟିପ୍ପଣୀ ଚର୍ଚ୍ଚାରେ

### ପାରାଦୀପ ବିଜେଡି କନ୍ଦଳକୁ ନେଇ ରାଜନୀତି ସରଗରମ

ପାରାଦୀପ,୬।୩(ସ୍ୱ.ପ୍ର.)

ପାରାଦୀପରେ ରବିବାର ସମାନ୍ତରାଳ ଭାବେ ବିଜୁ ଜୟନ୍ତୀ ପାଳନ କରାଯାଇଥିଲା। ସେଥିରେ ଯୋଗଦେଇଥିବା ନେତାଙ୍କ ବୟାନ ସୋମବାର ଚର୍ଚ୍ଚାର ବିଷୟ ପାଲଟିଛି। ରବିବାର ସନ୍ଧ୍ୟାରେ ନୂଆବଜାର ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସ୍ମୃତିଚାରଣ ସଭାରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ବିଧାୟକ ସମ୍ବିତ ରାଉତରାୟ ଉପସ୍ଥିତ ଥିଲେ। ସଭାରେ ସୌମ୍ୟରଞ୍ଜନ ଦେଇଥିବା ଟିପ୍ପଣୀକୁ ନେଇ ରାଜନୀତି ସରଗରମ ହୋଇଛି। ଯେପରି ଅଜାଙ୍କ ନିଶ ଥିଲା, ମୋର ନାହିଁ। ବିଜୁଙ୍କ ନାମରେ ଦଳ ୨୨ ବର୍ଷ ହେଲା ମହୁ ଖାଇ ଚାଲିଛି। କେତେଦିନ ଏମିତି ଚାଲିଥିବ ବୋଲି ସେ କହିଛନ୍ତି। ସେହିପରି ଦାମୋଦର ରାଉତ କହିଥିଲେ, ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ବଦଳରେ ଏବେ ବିଜେଡି ନବୀନ ଓଡ଼ିଶା କରିବା ପାଇଁ ପ୍ରୟାସ ଚଳାଇଛି। ଏଭଳି ଟିପ୍ପଣୀକୁ ନେଇ ପାରାଦୀପ ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳ କୁହନ୍ତି, ନବୀନ ବାବୁଙ୍କୁ ଓଡ଼ିଶାର ଲୋକ ଭଲ ପାଉଛନ୍ତି। ନୂତନ ଓଡ଼ିଶା ହେଉ ଅବା ନବୀନ ଓଡ଼ିଶା କହିବାରେ ଅସୁବିଧା କେଉଁଠି। ବିଧାୟକ ସୌମ୍ୟରଞ୍ଜନଙ୍କୁ ଯଦି ଏହା ଭଲ ଲାଗୁନାହିଁ ତା ହେଲେ ସେ ବିଜେଡିକୁ ଆସିଲେ କାହିଁକି। ଦାମଙ୍କ ପ୍ରସଙ୍ଗରେ କହିଥିଲେ, ଦଳରୁ ଯିବା ପରେ ସେ ପ୍ରସଙ୍ଗକୁ ଅପ୍ରସଙ୍ଗ ଭଳି କଥା କହୁଛନ୍ତି।

ପାରାଦୀପରେ ସମ୍ପ୍ରତି ବିଜେଡିର ଶୀତଳ ବିବାଦ ଚାଲିଛି। ୨୦୧୯ ସାଧାରଣ ନିର୍ବାଚନ ସମୟରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ସମ୍ବିତ ରାଉତରାୟ ବିଧାୟକ ଟିକେଟ ପାଇଁ ଦାବିଦାର ଥିଲେ। ଶେଷରେ ସମ୍ବିତଙ୍କୁ ଟିକେଟ ମିଳିଥିଲା। ନିର୍ବାଚନ ପରଠାରୁ ବିଧାୟକ ସମ୍ବିତ ଓ ପୌରାଧ୍ୟକ୍ଷ ବସନ୍ତ ଅଲଗା ଭାବେ ନିଜ ସମର୍ଥକଙ୍କ ଜରିଆରେ କାର୍ଯ୍ୟକ୍ରମ କରି ଆସୁଛନ୍ତି। ଏପରିକି ଗତବର୍ଷ ପୌର ନିର୍ବାଚନ ସମୟରେ ସେମାନେ ନିଜ ସମର୍ଥକଙ୍କୁ ଦଳୀୟ ଓ ସ୍ୱାଧୀନ ଭାବେ ପ୍ରାର୍ଥୀ କରାଇଥିଲେ। ରବିବାର ବିଜୁ ଜୟନ୍ତୀ ମଧ୍ୟ ସେଭଳି ହୋଇଥିଲା। ବସନ୍ତ ଦଳୀୟ ବ୍ୟାନରରେ ଅଠରବାଙ୍କୀରେ ଏବଂ ସମ୍ବିତ ସନ୍ଧ୍ୟାରେ ନୂଆବଜାରସ୍ଥିତ ଟ୍ରଷ୍ଟ ଅଫିସ୍ ପରିସରରେ ଏହି ଜୟନ୍ତୀ ପାଳନ କରିଥିଲେ। ଟ୍ରଷ୍ଟ ଅଫିସ୍‌ରେ ଆୟୋଜିତ ସଭାକୁ ବସନ୍ତ ନ ଆସିବା ଘଟଣାରେ ବିଧାୟକ ସମ୍ବିତ କୁହନ୍ତି, ପାରାଦୀପ ମାଟି ବିଜୁ ବାବୁଙ୍କର। ଏଠାରେ ଜୟନ୍ତୀ ପାଳନ ବେଳେ ସ୍ୱତଃପ୍ରବୃତ୍ତ ଭାବେ ଯୋଗ ଦେବାକଥା।

## ଭାଜପାରେ ମିଶିଲେ ବିଜେଡି, କଂଗ୍ରେସ ନେତା



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସୋମବାର ଦଳୀୟ ନେତା ସହ ନୂତନ ଭାବେ ଯୋଗଦେଇଥିବା ନେତା ଓ କର୍ମୀ।

ଭୁବନେଶ୍ୱର, ୬।୩(ବ୍ୟୁରୋ)

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ଦଳର ସଙ୍ଗଠନକୁ ଆହୁରି ମଜଭୁତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦଳର ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ ଢେଙ୍କାନାଳ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଁନ୍ଦିଆ ବ୍ଲକର ପୂର୍ବତନ ଅଧ୍ୟକ୍ଷ ମଳୟ କୁମାର ସିଂ ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି । ଗଁନ୍ଦିଆ ବ୍ଲକର ପୂର୍ବତନ ଅଧ୍ୟକ୍ଷା କୁନିଲତା ଦେହୁରୀ, ଦିଗମ୍ବରପୁର ଗ୍ରାମପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ସ୍ୱର୍ଣ୍ଣଲତା ବିନ୍ଧାଣି, ସଡ଼ଙ୍ଗି ପୂର୍ବତନ ସରପଞ୍ଚ ଗୋବର୍ଦ୍ଧନ ନାୟକ, ମଠତେନ୍ତୁଳିଆ ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ସର୍ବେଶ୍ୱର ସାହୁ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଢେଙ୍କାନାଳ ଆର୍‌ପିଆଇ ଜିଲା ସମ୍ପାଦକ ପ୍ରହଲ୍ଲାଦ ବେହେରା, ଆଇନଜୀବୀ ଜତୀନ୍ଦ୍ରନାଥ ନନ୍ଦ ପ୍ରମୁଖ ମଧ୍ୟ ସାମିଲ ହୋଇଛନ୍ତି। ସେହିପରି କଟକ ଜିଲା କଣ୍ଟାପଡା ବ୍ଲକ ଅନ୍ତର୍ଗତ ପୋସ୍ତଳ ପଞ୍ଚାୟତ ପୂର୍ବତନ ସରପଞ୍ଚ ତଥା କଂଗ୍ରେସ ବ୍ଲକ ସଭାପତି ପ୍ରଦୀପ ପାତ୍ରଙ୍କ ସମେତ ବହୁ କଂଗ୍ରେସ ଓ ବିଜେଡି ନେତା, କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ଦଳକୁ ସ୍ୱାଗତ କରାଯାଇଛି। ଏହି ମିଶ୍ରଣ ପର୍ବରେ ପୂର୍ବତନ ରାଜ୍ୟ ଉପସଭାନେତ୍ରୀ ତଥା ଢେଙ୍କାନାଳ ଜିଲା ପ୍ରଭାରୀ ପ୍ରଭାତୀ ପରିଡ଼ା, ଢେଙ୍କାନାଳ ଜିଲା ସଭାପତି ନରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No.RDM-LAA-BLS-0007-2022-43132 / R&DM, Dated 19.12.2022

No. XXI-94:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ କୁରା ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ଜହତାବଡ, ଥାନା- ବସ୍ତା ନଂ. ୧୪୨, ତହସିଲ- ବସ୍ତା, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨.୩୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ କୁରା ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ବାରିପଦା, ବାଲେଶ୍ୱର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ବସ୍ତା | ଜହତାବଡ଼ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୭.୪୬ | ଏ.୨.୩୭ | ଏଥିସହିତ ସଂଲଗ୍ନ |

ଉକ୍ତ ଜମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୧୫/ ୨୦୨୨, ଏ୨.୩୭ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ କୁରା ମାଇନର ନିମନ୍ତେ ମୌଜା- ଜହତାବଡ଼, ଥାନା-ବସ୍ତା, ନଂ.-୧୪୨, ତହସିଲ- ବସ୍ତା, ଜିଲ୍ଲା- ବାଲେଶ୍ୱର

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୱୟାର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୭୭ | ୫୪୯ | ୦.୩୯ | ୦.୦୬ | ଶାରଦ ଦୁଇ | ଚିତ୍ତ ରଞ୍ଜନ ଦାଶ, ମନୋରଞ୍ଜନ ଦାଶ, ପି. କୃତ୍ତିବାସ ଦାଶ, ଜା. ବ୍ରାହ୍ମଣ, ବା, ନିଜଗାଁ |
| | ୫୧୭ | ୦.୫୩ | ୦.୦୮ | ଶାରଦ ଦୁଇ | |
| ୧୧୪ | ୫୪୫ | ୦.୩୩ | ୦.୧୫ | ଶାରଦ ଦୁଇ | ଦାଶ ସିଂ, ସୁରେନ୍ ସିଂ, ପି. ନୁଟୁ ସିଂ, ଜା. ଭୂମିଜ, ବା. ଲଛମନଖୁଣ୍ଟା |
| | ୬୩୩ | ୦.୩୭ | ୦.୧୦ | ଶାରଦ ଦୁଇ | |
| ୨୧୭ | ୫୯୭ | ୦.୩୭ | ୦.୨୪ | ଶାରଦ ଏକ | ବିଦ୍ୟାଧର କୋଇ, ପି. ହରେକୃଷ୍ଣ କୋଇ, ଜା. ଗୋଲା, ବା. ନିଜଗାଁ |
| ୨୪୯ | ୬୦୧/ ୧୦୮୬ | ୦.୫୦ | ୦.୦୮ | ଶାରଦ ଦୁଇ | ମକୁରୁ ଦାସ, ପି. ଫକିର ଦାସ, ଜା. ଗୋଲା, ବା. ନିଜଗାଁ |
| | ୬୦୦ | ୦.୨୫ | ୦.୧୪ | ଶାରଦ ଦୁଇ | |
| ୨୭୫ | ୫୪୬ | ୦.୧୦ | ୦.୦୩ | ଶାରଦ ଦୁଇ | ରମାକାନ୍ତ ବାରିକ, ରବୀନ୍ଦ୍ର ବାରିକ , ପି. ଅଚ୍ୟୁତାନନ୍ଦ ବାରିକ, ଜା. ଖଣ୍ଡାୟତ, ବା. ନିଜଗାଁ |
| | ୫୪୮ | ୦.୧୦ | ୦.୦୧ | ଶାରଦ ଦୁଇ | |
| ୨୯୨ | ୫୯୮ | ୦.୦୫ | ୦.୦୫ | ଶାରଦ ଦୁଇ | ରାମଚନ୍ଦ୍ର ପଲେଇ, ଲକ୍ଷ୍ମଣ ପଲେଇ, ପି. ପଦ୍ମ ଲୋଚନ ପଲେଇ, ଜା. ଗୋପାଳ, ବା. ନିଜଗାଁ |
| ୨୯୬ | ୬୧୬ | ୦.୩୬ | ୦.୨୧ | ଶାରଦ ଦୁଇ | ଲକ୍ଷ୍ମଣ କୁମାର କୋଇ, ପି. ଗଙ୍ଗାଧର କୋଇ, ଜା. ଲକ୍ଷ୍ମୀନାରାୟଣ ଗୋଲା, ବା. ନିଜଗାଁ |
| ୨୯୭ | ୬୧୭ | ୦.୩୭ | ୦.୦୩ | ଶାରଦ ଏକ | ଲକ୍ଷ୍ମଣ ପଲେଇ, ପି. ପଦ୍ମ ଲୋଚନ ପଲେଇ, ଜା. ଗୋପାଳ, ବା. ନିଗାଁ |
| ୩୧୩ | ୬୧୧ | ୦.୬୧ | ୦.୨୩ | ଶାରଦ ଦୁଇ | ଶମ୍ଭୁନାଥ କୋଇ, ପି. ବୁଦ୍ଧିରାମ କୋଇ, ଜା. ଗୋଲା, ବା. ନିଜଗାଁ |
| | ୬୧୪ | ୦.୧୦ | ୦.୦୭ | ବାଜେ ଫସଲ ଦୁଇ | |
| ୩୨୧ | ୬୧୫ | ୦.୧୪ | ୦.୦୪ | ବାଜେ ଫସଲ ଦୁଇ | ଶ୍ୟାମ ସୁନ୍ଦର ପଲେଇ, ପଦ୍ମ ଲୋଚନ ପଲେଇ, ପି. ମାଗୁଣି ପଲେଇ, ଜା. ଗୋପାଳ, ବା. ନିଜଗାଁ |
| ୩୭୨/୨ | ୫୫୦ | ୦.୨୫ | ୦.୦୮ | ଶାରଦ ଦୁଇ | ଭାସ୍କର ଚନ୍ଦ୍ର ନାୟକ, ସୃଷ୍ଟିଧର ନାୟକ, ପି. ଭୀମ ଚରଣ ନାୟକ, ଜା. ଖଣ୍ଡାୟତ, ବା. ନିଜଗାଁ |
| | ୫୫୨ | ୦.୩୨ | ୦.୨୪ | ଶାରଦ ଦୁଇ | |
| ୩୭୨/୧୨୦ | ୫୫୪/୧୧୨୭ | ୦.୩୧ | ୦.୧୩ | ଶାରଦ ଦୁଇ | ତୀର୍ଥ ନାୟକ, ପି.- ଭାଗିରଥି ନାୟକ, ଜା. ଖଣ୍ଡାୟତ, ବା. ନିଜଗାଁ |
| | ୫୯୬ | ୦.୨୮ | ୦.୦୪ | ଘରବାରି | |
| ୩୭୨/ ୧୪୦ | ୫୫୪ | ୦.୪୮ | ୦.୦୮ | ଶାରଦ ଦୁଇ | ପ୍ରତିମା ନାୟକ, ସ୍ୱା. ଭାସ୍କର ନାୟକ, ଜା. ଖଣ୍ଡାୟତ, ବା. ଜହତାବଡ଼ |
| ୩୭୨/୨୧୬ | ୬୧୧/୧୧୭୯ | ୦.୩୯ | ୦.୧୬ | ଶାରଦ ଦୁଇ | ଅଭିରାମ ସେନାପତି, ପି. ଲକ୍ଷ୍ମୀଧର ସେନାପତି, ଜା. ଗୋଲା, ବା. ରୁଷ୍ମା ସାମିଲ ହସନପୁର |
| | ୬୧୪/୧୧୮୦ | ୦.୧୦ | ୦.୦୭ | ବାଜେ ଫସଲ ଦୁଇ | |
| ୩୭୨/୨୯୨ | ୬୧୨ | ୦.୨୬ | ୦.୦୪ | ବାଜେ ଫସଲ ଦୁଇ | ସନ୍ତୋଷ କୁମାର ବାରିକ, ପି. ବିନୋଦ ବାରିକ, ଜା. ଗୋପାଳ, ବା. ଜହତାବଡ଼ |
| | ୬୧୩ | ୦.୫୦ | ୦.୦୧ | ବାଜେ ଫସଲ ଦୁଇ | |
| ମୋଟ | ୨୪ ପ୍ଲଟ୍‌କୁ | ଏ.୭.୪୬ ଡେ.ମି. | ଏ.୨.୩୭ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଅଭୟ କୁମାର ନାୟକ)
ସ୍ୱତନ୍ତ୍ର ଶାସନ ସଚିବ
OIPR-24001/14/0238/2223



## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No.RDM-LAA-MBJ-0027-2022-43042 / R&DM, Dated 17.12.2022

No. XXI-88:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କାପୋଇ ମାଇନର ଏବଂ ମୂଷାଗାଡ଼ିଆ ସବ୍-ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ଚକୁଳିଆ (ଅତିରିକ୍ତ), ଥାନା- ମୋରଡ଼ା ନଂ.୧୧୭, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୭.୩୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କାପୋଇ ମାଇନର ଏବଂ ମୂଷାଗାଡ଼ିଆ ସବ୍-ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ବେତନଟୀ କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ଚକୁଳିଆ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୪୨.୯୯ | ଏ. ୭.୩୩ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୭ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳିସ୍ଥିତ ମୟୂରଭଞ୍ଜ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜଙ୍କ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୧୪/ ୨୦୧୯, ଏ.୭.୩୩ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କାପୋଇ ମାଇନର ଏବଂ ମୂଷାଗାଡ଼ିଆ ସବ୍‌ମାଇନର ନିମନ୍ତେ ମୌଜା- ଚକୁଳିଆ (ଅତିରିକ୍ତ), ଥାନା- ମୋରଡ଼ା, ନଂ.୧୧୭, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୱୟାର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୦ | ୫୭୬ | ୧.୯୬ | ୦.୬୩ | ଡାହି ଦୁଇ | କନ୍ଦା ମାଝୀ, ପି. ଚରେ ମାଝୀ, ଜା. ସାନ୍ତାଳ, ବା. ନିଜଗାଁ |
| ୫୪ | ୫୭୭ | ୧.୬୮ | ୦.୭୦ | ଡାହି ଦୁଇ | ଖେଚଡା ମାଝୀ, ସାନ ବାର୍ଷା ମାଝୀ, ବାଢା ମାଝୀ, ପି. ଦୁଃଖିଆ ମାଝୀ, ଜା. ସାନ୍ତାଳ, ବା. ନିଜଗାଁ, ସାମିଲ ସୁଖିଲା ଖାଡ଼ି |
| ୫୯ | ୪୮୮ | ୨.୭୬ | ୦.୫୬ | ଡାହି ଦୁଇ | ଗଦାଧର ଦାସ, ପି. ଜଗନ୍ନାଥ ଦାସ, ଜା. ଗୋଲା, ବା. ଝିଙ୍କିରିଆ, ଜବର ଦଖଲ ବନମାଳୀ ଯେନା, ପି. ଶିବ ଯେନା, ଜା. ଗୋଲା, ବା. ଝିଙ୍କିରିଆ |
| ୭୭ | ୭୪୩ | ୦.୮୪ | ୦.୦୭ | ଡାହି ଦୁଇ | ବଡ଼ ଘାଷିଆ ମାଝି, ପି. କନ୍ଦା ମାଝୀ, ଜା. ସାନ୍ତାଳ, ବା. ଅଁଳାସୁଳ |
| ୮୨ | ୫୪୭ | ୨.୦୧ | ୦.୩୯ | ଡାହି ଦୁଇ | ଚଣ୍ଡ ଓରଫ ସୁନ୍ଦର ମାଝୀ, କୁଅଁର ମାଝୀ, ସୁନାରାମ ମାଝୀ, ବାଲୁକା ମାଝୀ, ପି. ସାନ ବୁଧରାୟ ମାଝୀ, ଜା. ସାନ୍ତାଳ, ବା. ଠକରାପାଳ |
| ୯୧ | ୭୪୭ | ୧.୭୨ | ୦.୦୪ | ଡାହି ଦୁଇ | ଚୈତନ ମାଝୀ, ପି. ରିଗାଇ ମାଝୀ, ଜା. ସାନ୍ତାଳ, ବା. ବିରିପାଳ |
| ୧୦୬ | ୫୭୨ | ୦.୭୨ | ୦.୧୪ | ଡାହି ଦୁଇ | ଭୁଝାର ମାଝୀ, ଛକୁ ମାଝୀ, ପି. ସାଗର ମାଝୀ, ଦାକ୍ଷିଣ ମାଝୀ, ପି. ସାଲଖୁ ମାଝୀ, ଜା. ସାନ୍ତାଳ, ବା. ବୈଦାସାହି ସାମିଲ ନିଜଗାଁ |
| ୧୧୮ | ୭୩୩ | ୦.୯୦ | ୦.୨୮ | ଡାହି ଦୁଇ | ଠୁମ୍ପୁ ମାଝୀ, ପି. ବଜନାଥ ମାଝୀ, ଜା. ସାନ୍ତାଳ, ବା. ପଳାସବଣି |
| ୧୧୯ | ୫୪୨ | ୧.୮୮ | ୦.୩୧ | ଡାହି ଦୁଇ | ଡମାନ ମାଝୀ, କରଣ ମାଝୀ, ପି. ନାରଣ ମାଝୀ, ଜା. ସାନ୍ତାଳ, ବା. ଠକରାପାଳ |
| ୧୨୬ | ୫୭୮ | ୧.୩୦ | ୦.୧୩ | ଡାହି ଦୁଇ | ଦଶରଥ ମାଝୀ, ପି. କାନ୍ ଦାନ୍ ମାଝୀ, ଜା. ସାନ୍ତାଳ, ବା. ଜହିରି |
| ୧୯୨ | ୫୧୪ | ୧.୮୬ | ୦.୩୦ | ଡାହି ଦୁଇ | ଫୁଲ ମାଝୀ, ସ୍ୱା. ଚାନ୍ଦା ମାଝୀ, ଚାନ୍ଦାରାଏ ମାଝୀ, ପି. ଦୁଃଖିଆ ମାଝୀ, ସନା ମାଝୀ, ସ୍ୱା. ସୁନ୍ଦରା ମାଝୀ, ପାଉଁରା ମାଝୀ, ପି. ସୁନ୍ଦରା ମାଜୀ, ଜା. ସାନ୍ତାଳ, ବା. ଝିଙ୍କିରିଆ |
| ୨୦୫ | ୫୫୯ | ୧.୦୪ | ୦.୦୨ | ଡାହି ଦୁଇ | ବାଣ୍ଡିଆ ମାଝୀ, ପି. ପିଥ ମାଝୀ, ଜା. ସାନ୍ତାଳ, ବା. ଜହରୀ |
| ୨୪୩ | ୪୮୯ | ୧.୧୨ | ୦.୨୧ | ଡାହି ଦୁଇ | ଭୁତନାଥ ବେହେରା, ମୁରଲି ବେହେରା, ପି. ବିନୋଦ ବେହେରା, ଜା. ଗୋପାଳ, ବା. ଝିଙ୍କିରିଆ |
| ୨୭୨ | ୫୧୭ | ୧.୪୮ | ୦.୦୬ | ଡାହି ଦୁଇ | ମଲ୍ଲିକା ରାଉତ, ପି. କିଶା ରାଉତ, କୃଷ୍ଣ ରାଉତ, ଗୌର ରାଉତ, ପି. କାଶି ରାଉତ, କଟି ରାଉତ, ପି. ସୁରେନ୍ଦ୍ର ରାଉତ, ଶ୍ରୁମା ରାଉତ, ସ୍ୱା. ସୁରେନ୍ଦ୍ର ରାଉତ, ଜା. ଗୋପାଳ, ବା. ଝିଙ୍କିରିଆ |
| ୨୭୭ | ୫୧୨ | ୧.୬୬ | ୦.୦୯ | ଡାହି ଦୁଇ | ମାଇନା ମାଝୀ, ପି. କନ୍ଦା ମାଝୀ, କର୍ମ ମାଝୀ, ସ୍ୱା. କନ୍ଦା ମାଝୀ, ଜା. ସାନ୍ତାଳ, ବା. ଠକରାପାଳ |
| ୨୯୭ | ୫୪୫ | ୨.୫୦ | ୦.୩୮ | ଡାହି ଦୁଇ | ମୁଷୁ ମାଝୀ, ବାଢା ମାଝୀ, ପି. ଜାନୁ ମାଝୀ, ଜା. ସାନ୍ତାଳ, ବା. ସୁନ୍ଦରଯୋଡ଼ା |
| ୩୦୨ | ୫୪୬ | ୦.୯୦ | ୦.୦୨ | ଡାହି ଦୁଇ | ସାନରାଗୁଆ ମାଝୀ, କୁଟୁ ମାଝୀ, ପି. ମଠ ମାଝୀ, ବଡ଼ରାଗୁଆ ମାଜୀ, ପି. ଭାଗବତ ମାଝୀ, ଜା. ସାନ୍ତାଳ, ବା. ଠକରାପାଳ |
| | ୫୪୮ | ୩.୦୨ | ୦.୫୯ | ଡାହି ଦୁଇ | |
| ୩୨୨ | ୫୬୭ | ୧.୦୮ | ୦.୨୨ | ଡାହି ଦୁଇ | ଲସ ମାଝୀ, ପି. ବାରିଆଳ ମାଝୀ, ଜା. ସାନ୍ତାଳ, ବା. ଜହରୀ |
| ୩୨୩ | ୫୨୮ | ୦.୭୨ | ୦.୨୨ | ଡାହି ଦୁଇ | ଲସ ମାଝୀ, ପି. ଭିଲୁ ମାଝୀ, ଜା. ସାନ୍ତାଳ, ବା. ଠକରାପାଳ |
| | ୫୩୬ | ୧.୩୪ | ୦.୧୨ | ଡାହି ଦୁଇ | |
| ୩୫୫ | ୫୨୭ | ୧.୨୦ | ୦.୨୧ | ଡାହି ଦୁଇ | ଜଗତ କିସ୍କୁ, ବାସନ୍ତୀ କିସ୍କୁ, ଲକ୍ଷ୍ମୀ କିସ୍କୁ, ପି. ଶିବ କିସ୍କୁ, ମାଳତୀ କିସ୍କୁ, ସ୍ୱା. ଶିବ କିସ୍କୁ, ଜା. ସାନ୍ତାଳ, ବା. ନିଜଗାଁ |
| ୩୯୦ | ୪୯୨ | ୪.୦୭ | ୦.୪୨ | ଡାହି ଦୁଇ | ସୁରେଶ ଚନ୍ଦ୍ର ଗିରି, ପି. ଅଚ୍ଛୁତା ନନ୍ଦ ଗିରି, ଜା. ଗୋପାଳ, ବା. ଝିଙ୍କିରିଆ |
| ୪୧୧ | ୭୩୨ | ୦.୫୫ | ୦.୧୩ | ଡାହି ଦୁଇ | ହେମଦର ମାଝୀ, ପି. ସାଗରାମ ମାଝୀ, ଜା. ସାନ୍ତାଳ, ବା. ପଳାଶବଧା |
| ୪୧୧/୫୪ | ୫୧୪/୨୧୦୮ | ୧.୩୮ | ୦.୨୯ | ଡାହି ଦୁଇ | ସୁଖି ମୁର୍ମୁ, ପି. ସୁନ୍ଦର ମୁର୍ମୁ, ଜା. ସାନ୍ତାଳ, ବା. ପଳାସବଧା |
| ୪୧୧/୫୯ | ୭୩୮/୨୧୧୩ | ୦.୦୫ | ୦.୦୫ | ଘରବାରି | ମାନ୍ଦ ବେଶ୍ରା, ସ୍ୱା. ବିରୁ ବେଶ୍ରା, ବିରୁ ବେଶ୍ରା, ପି. ଭକ୍ସୁ ବେଶ୍ରା, ଜା. ସାନ୍ତାଳ, ବା. ନିଜଗାଁ |
| ୪୧୧/୬୦ | ୭୩୮/୨୧୧୪ | ୦.୦୫ | ୦.୦୫ | ଘରବାରି | ମାନକ ମୁର୍ମୁ, ସ୍ୱା. ଚାନ୍ଦା ମୁର୍ମୁ, ଚାନ୍ଦା ମୁର୍ମୁ, ପି. ଡୁହୁ ମୁର୍ମୁ, ଜା. ସାନ୍ତାଳ, ବା. ନିଜଗାଁ |
| ୪୧୧/୬୧ | ୭୩୮/୨୧୧୫ | ୦.୦୫ | ୦.୦୫ | ଘରବାରି | ମାନକ ହାଁସଦା, ସ୍ୱା. ଆମ୍ବାଇ ହାଁସଦା, ଆମ୍ବାଇ ହାଁସଦା, ପି. ସାଗ୍ରାମ ହାଁସଦା, ଜା. ସାନ୍ତାଳ, ବା. ନିଜଗାଁ |
| ୪୧୧/୬୨ | ୭୩୮/୨୧୧୬ | ୦.୦୫ | ୦.୦୫ | ଘରବାରି | ଲୁସକୁ ହେମ୍ବ୍ରମ, ପି. ମଙ୍ଗଲ ହେମ୍ବ୍ରମ, ଜା. ସାନ୍ତାଳ, ବା. ନିଜଗାଁ |
| ୪୧୧/୬୩ | ୭୩୮/୨୧୧୭ | ୦.୦୫ | ୦.୦୩ | ଘରବାରି | ଲାଖିଆଁ ଟୁଡୁ, ସ୍ୱା. ଚାନ୍ଦୁ ଟୁଡୁ, ଜା. ସାନ୍ତାଳ, ବା. ନିଜଗାଁ |
| ୪୧୧/୬୪ | ୭୩୮/୨୧୧୮ | ୦.୦୫ | ୦.୦୧ | ଘରବାରି | ମଙ୍ଗୁଳି ହେମ୍ବ୍ରମ, ସ୍ୱା. ଧାନ ହେମ୍ବ୍ରମ, ଧାନ ହେମ୍ବ୍ରମ, ପି. ବୁଧରାୟ ହେମ୍ବ୍ରମ, ଜା. ସାନ୍ତାଳ, ବା. ନିଜଗାଁ |
| ୪୧୫/୨ | ୫୬୧/୨୦୯୩ | ୧.୦୦ | ୦.୨୪ | ପତିତ | ଧରା ମାର୍ଣ୍ଡି, ପି. ଲସ ମାର୍ଣ୍ଡି, ଜା. ସାନ୍ତାଳ, ବା. ଉଦାଳିପାଳ |
| ୪୧୫/୩ | ୫୬୧/୨୦୯୪ | ୧.୦୦ | ୦.୦୮ | ପତିତ | ବାରିଆଳ ମାରାଣ୍ଡି, ପି. ଲସ ମାରାଣ୍ଡି, ଜା. ସାନ୍ତାଳ, ବା. ଉଦାଳିପାଳ |
| ୪୧୫/୪ | ୫୬୧/୨୦୯୫ | ୧.୦୦ | ୦.୧୭ | ପତିତ | ବାର୍ଷା ମାରାଣ୍ଡି, ପି. ଲସ ମାରାଣ୍ଡି, ଜା. ସାନ୍ତାଳ, ବା. ଉଦାଳିପାଳ |
| ସମପରିମାଣ ଶ୍ମଶାନ ପ୍ରତିବଦଳ | | | | | |
| ୭୭ | ୭୪୩ | ୦.୮୪ | ୦.୦୭ | ଡାହି ଦୁଇ | ବଡ଼ ଘାଷିଆ ମାଝୀ , ପି. କନ୍ଦା ମାଝୀ, ଜା. ସାନ୍ତାଳ, ବା. ଅଁଳାସୁଳ |
| ମୋଟ | ୨୬ ପ୍ଲଟ୍‌କୁ | ଏ୪୨.୯୯ ଡେ.ମି. | ଏ. ୭.୩୩ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଅଭୟ କୁମାର ନାୟକ)
ସ୍ୱତନ୍ତ୍ର ଶାସନ ସଚିବ
OIPR-24001/14/0245/2223

